ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.24 . No.302 Bhubaneswar Tuesday, January 25, 2022 | ୨୪ତମ ବର୍ଷ ସଂଖ୍ୟା-୩୦୨ ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୨୫, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## ଭଦ୍ରକ କଲେଜରେ ଜାଲ୍ ଭିନ୍ନକ୍ଷମ ସାର୍ଟିଫିକେଟରେ ଆଡ୍‌ମିଶନ ମାମଲା : ସାର୍ଟିଫିକେଟ ଯାଂଚ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୪।୧(ପି.ଏନ): ଭଦ୍ରକ କଲେଜରେ ଜାଲ୍ ଭିନ୍ନକ୍ଷମ ସାର୍ଟିଫିକେଟରେ ଆଡ୍‌ମିଶନ ମାମଲା ସାମ୍ନାକୁ ଆସିବା ପରେ ସବୁ ଭିନ୍ନକ୍ଷମ ସାର୍ଟିଫିକେଟ ଯାଂଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଉଚ୍ଚଶିକ୍ଷା ସଚିବ। ସେଥିପାଇଁ ସବୁ ସରକାରୀ ଓ ବେସରକାରୀ କଲେଜ ଅଧକ୍ଷଙ୍କୁ ଚିଠି ଲେଖିଛନ୍ତି। ଜିଲ୍ଲାର ସିଡିଏମଓଙ୍କ ଦ୍ୱାରା ସବୁ ଭିନ୍ନକ୍ଷମ ସାର୍ଟିଫିକେଟ ଯାଂଚ ଉଚ୍ଚଶିକ୍ଷା ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଯାଂଚରେ ଯଦି କେହି ଜାଲ୍ କରିଥିବା ଜଣାପଡନ୍ତି ତେବେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ଉଚ୍ଚଶିକ୍ଷା ସଚିବ। ଜାଲ୍ ସାର୍ଟିଫିକେଟ ଦେଇଥିବା ପିଲାଙ୍କ ଆଡମିଶନ ରଦ୍ଦ ସହ ସ୍ଥାନୀୟ ଥାନାରେ ଏତଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି।ଜାଲ୍ ଦିବ୍ୟାଙ୍ଗ ସାର୍ଟିଫିକେଟ ଦେଇ ଭଦ୍ରକ କଲେଜରେ ଆଡମିଶନ ଅଭିଯୋଗ ହୋଇଥିଲା। ଯାହାଫଳରେ ୮୦ ପ୍ରତିଶତ ମାର୍କ ରଖି ପିଲା ସିଟ୍ ପାଇନଥିଲେ। ଅଥଚ ୪୦ ପ୍ରତିଶତ ମାର୍କ ଥିବା ପିଲା କଲେଜରେ ନାଁ ଲେଖାଉଥିବା ଅଭିଯୋଗ ହୋଇଥିଲା।




## ଆବୁ ଧାବୀରେ ବାଲିଷ୍ଟିକ୍ ମିସାଇଲ ମାଡ ଫେଲ୍, ଆକାଶମାର୍ଗରେ ହିଁ ଧ୍ୱଂସ କରିଦେଲା ୟୁଏଇ

ନୂଆଦିଲ୍ଲୀ ୨୪/୦୧: ହୁତୀ ବିଦ୍ରୋହୀ ସମୂହ ପକ୍ଷରୁ ସଂଯୁକ୍ତ ରାଷ୍ଟ୍ର ଏମିରେଟସ୍ (ୟୁଏଇ)ର ରାଜଧାନୀ ଆବୁଧାବୀ ଉପରେ ବାଲିଷ୍ଟିକ୍ ମିସାଇଲ ଆକ୍ରମଣ ପଣ୍ଡ ହୋଇଛି । ସୋମବାର ହୁତୀ ବିଦ୍ରୋହୀଙ୍କ ଦ୍ୱାରା ଆକ୍ରମଣ ପାଇଁ ଉଦ୍ୟମ କରାଯାଇଥିଲେ ସୁଦ୍ଧା ୨ଟି ବାଲିଷ୍ଟିକ୍ ମିସାଇଲକୁ ଆକାଶ ମାର୍ଗରେ ହିଁ ଧ୍ୱଂସ କରିଦେଇଛି ୟୁଏଇ । ଏ ନେଇ ୟୁଏଇ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ସୂଚନା ଦିଆଯାଇଛି ।ୟୁଏଇ ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ ଟ୍ୱିଟ୍ କରି କୁହାଯାଇଛି ଯେ, 'ହୁତୀ ବିଦ୍ରୋହୀ ସମୂହ ଦ୍ୱାରା ଆକ୍ରମଣ ପାଇଁ ଯୋଜନା କରାଯାଇଥିଲେ ସୁଦ୍ଧା କଡା ଜବାବ ଦିଆଯାଇଛି । ଆକାଶ ମାର୍ଗରେ ହିଁ ବାଲିଷ୍ଟିକ୍ ମିସାଇଲକୁ କ୍ଷେପଣାସ୍ତ୍ର ମାଡ କରି ନଷ୍ଟ କରିଦିଆଯାଇଛି । ଯାହା ଫଳରେ ଏକ ବଡ ଧରଣର ଦୁର୍ଘଟଣା ଅଳ୍ପକେ ଟଳିଯାଇଛି । ଏହି ଆକ୍ରମଣରେ କେହି ମୃତାହତ ହୋଇନାହାନ୍ତି । ମିସାଇଲର ଭଗ୍ନାବଶେଷ ଆବୁ ଧାବୀର ବିଭିନ୍ନ ଅଞ୍ଚଳରେ ଖଣ୍ଡ ବିଖଣ୍ଡିତ ହୋଇ ପଡିଛି ।'ସୂଚନାଯୋଗ୍ୟ, ଗତ କିଛି ଦିନ ହେଲା ହୁତୀ ବିଦ୍ରୋହୀମାନଙ୍କ ଦ୍ୱାରା ଲଗାତାର ଭାବେ ୟୁଏଇ ଉପରେ ଆକ୍ରମଣ କରାଯାଉଛି । ଦେଶର ପେଟ୍ରୋଲିୟମ ଡିପୋ ଏବଂ ବିମାନବନ୍ଦରଗୁଡିକରେ ଆକ୍ରମଣ ଜାରି ରହିଛି । ୟୁଏଇର ଏକ ଏୟାରପୋର୍ଟରେ ଆକ୍ରମଣ କରିବାର ମାତ୍ର ସପ୍ତାହେ ପରେ ସୋମବାର ପୁଣି ଏକ ବଡ ଧରଣର ଆକ୍ରମଣ କରିବାକୁ ବାଲିଷ୍ଟିକ ମିସାଇଲ ପଠାଇଥିଲା ହୁତୀ । କିନ୍ତୁ ତାହାକୁ ନଷ୍ଟ କରିବାରେ ସଫଳ ହୋଇଛି ୟୁଏଇ ପ୍ରତିରକ୍ଷା ମନ୍ତ୍ରାଳୟ । ଗତ ଜାନୁଆରୀ ୧୭ ତାରିଖରେ ଆବୁ ଧାବୀରେ ନବନିର୍ମିତ ଏୟାରପୋର୍ଟକୁ ଟାର୍ଗେଟ୍ କରି ମିସାଇଲ ମାଡ କରାଯାଇଥିଲା । ଯେଉଁଥିରେ ଜଣେ ଭାରତୀୟ ନାଗରିକଙ୍କ ସମେତ ଜଣେ ପାକିସ୍ତାନୀ ନାଗରିକଙ୍କ ମୃତ୍ୟୁ ଘଟିଥିଲା । ଘଟଣାରେ ୬ ଜଣ ଗୁରୁତର ଭାବେ ଆହତ ମଧ୍ୟ ହୋଇଥିଲେ । ସୋମବାର ପୁଣିଥରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିବାରୁ ଏହାର କଡା ଜବାବ ଦିଆଯିବ ବୋଲି ୟୁଏଇ ପ୍ରତିରକ୍ଷା ମନ୍ତ୍ରାଳୟ ଚେତାବନୀ ଦେଇଛି ।

## ଭୁବନେଶ୍ୱରରେ କୋଭିଡ୍ ସ୍ଥିତି ସୁଧୁରିଛି , ତଥାପି ସତର୍କ ରହିବା : ବିଏମସି

ଭୁବନେଶ୍ୱର, ୨୪।୧(ପି.ଏନ): ଭୁବନେଶ୍ୱରରେ କୋଭିଡ୍ ସ୍ଥିତିରେ ସୁଧାର ଆସିଛି। ତଥାପି ସତର୍କ ରହିବାକୁ ହେବ। ଏବେ ବି ରାଜଧାନୀରେ ଦୈନିକ ସଂକ୍ରମଣ ହଜାରେ ଉପରେ ରହୁଛି ବୋଲି ବିଏମସି କୋଭିଡ ନୋଡାଲ ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି ।ସେ କହିଛନ୍ତି ଯେ, ସଂକ୍ରମଣ ରୋକିବାକୁ ଗତ ମାସକ ମଧ୍ୟରେ ଭୁବନେଶ୍ୱରରେ ୩୦୦ କଂଟେନମେଂଟ ଓ ମାଇକ୍ରୋ କଂଟେନମେଂଟ ଜୋନ୍ କରାଯାଇଛି। ସେଥିମଧ୍ୟରୁ ଅନେକ ପ୍ରତ୍ୟାହୃତ ହୋଇ ବର୍ତ୍ତମାନ ଏହି ସଂଖ୍ୟା ୧୩୫ରେ ସୀମିତ ରହିଛି। ଦକ୍ଷିଣପୂର୍ବ ଜୋନ୍ ରେ ୪୦ଟି, ଦକ୍ଷିଣପଶ୍ଚିମ ଜୋନ୍ ରେ ୬୨ଟି ଏବଂ ଉତର ଯୋନରେ ୩୩ଟି କଂଟେନମେଂଟ ଓ ମାଇକ୍ରୋ କଟେନମେଂଟ ରହିଛି ।ସେହିଭଳି ୪ଟି ସ୍ୱତନ୍ତ୍ର କୋଭିଡ ହସ୍ପିଟାଲ ଓ ୨ଟି କୋଭିଡ କେୟାର ସେଂଟର କାର୍ଯ୍ୟକ୍ଷମ ଅଛି ।ବିଭିନ୍ନ ହସ୍ପିଟାଲରେ ମାତ୍ର ୪୮୨ଜଣ ଭର୍ତି ହୋଇ ଚିକିତ୍ସିତ ହେଉଥିବା ବେଳେ ଅନ୍ୟମାନେ ସଂଗରୋଧରେ ଅଛନ୍ତି। ପୂର୍ବଭଳି ରାପିଡ୍ ରେସ୍ପୋନ୍ସ ଟିମ ସଂଗରୋଧରେ ଥିବା ସଂକ୍ରମିତଙ୍କୁ ନଜରରେ ରଖିଛନ୍ତି। ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ଘର ଘର ବୁଲି ଅଳିଆ ସଂଗ୍ରହ କରାଯାଉଥିବା ଗାଡ଼ି ଜରିଆରେ କୋଭିଡ ସଚେତନତା କରାଯାଉଛି। ଦାସକାଠିଆ ଓ ଲୋକକଳା ମାଧ୍ୟମରେ ମଧ୍ୟ ସଚେତନ କରାଯାଉଛି। ଏହା ସହିତ ଅମାନିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସେହିପରି ଟୀକାକରଣ ଓ ଟେଷ୍ଟିଂ ବ୍ୟାପକ ହୋଇଛି। ହସ୍ପିଟାଲ, ବିମାନବନ୍ଦର, ରେଲଷ୍ଟେସନ ଏବଂ ଦୈନିକ ବହୁ ଲୋକଙ୍କ ଯାତାୟତ ଫଳରେ ରାଜଧାନୀରେ ସଂକ୍ରମିତଙ୍କ ସଂଖ୍ୟା ଅନ୍ୟ ସହର ଅପେକ୍ଷାକୃତ ଅଧିକ ରହୁଥିବା କହିଛନ୍ତି ବିଏମସି କୋଭିଡ ନୋଡାଲ ଅଧିକାରୀ ଶୁଭେନ୍ଦୁ କୁମାର ସାହୁ।

## ୨୬ରୁ ବଢିବ ଶୀତ

ଭୁବନେଶ୍ୱର, ୨୪।୧(ପି.ଏନ): ୨୬ ଜାନୁଆରୀ ସାଧାରଣତନ୍ତ୍ର ଦିବସରୁ ରାଜ୍ୟରେ ଶୀତ ବୃଦ୍ଧି ହେବାର ସମ୍ଭାବନା ରହିଛି ।ଆସନ୍ତା ୨ ଦିନ ମଧ୍ୟରେ ତାପମାତ୍ରା ୩ ରୁ ୫ ଡ଼ିଗ୍ରୀ ଖସିବ। ଫଳରେ ଶୀତ ବଢିବ। ୨୬ ତାରିଖରୁ ପାଗ ମଧ୍ୟ ଶୁଖିଲା ରହିବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଅପରପକ୍ଷରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି। ବଲାଙ୍ଗୀର, ସୁବର୍ଣ୍ଣପୁର, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ଅନୁଗୁଳ, ଢ଼େଙ୍କାନାଳ ଓ କେନ୍ଦୁଝର ଆଦି ଜିଲ୍ଲାଗୁଡ଼ିକର ଗୋଟିଏ ଦୁଇଟି ସ୍ଥାନରେ ଘନ କୁହୁଡ଼ି ପଡ଼ିବାର ସମ୍ଭାବନା ଥିବାରୁ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ସେହିପରି ଜାନୁଆରୀ ୨୫ରୁ ୨୬ ତାରିଖ ମଧ୍ୟରେ କଳାହାଣ୍ଡି, କନ୍ଧମାଳ, ଗଜପତି, ଗଞ୍ଜାମ, ନୟାଗଡ଼, ଅନୁଗୁଳ, ଢ଼େଙ୍କାନାଳ, ବୌଦ୍ଧ, ଖୋର୍ଧା ଓ କଟକ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କୁହୁଡ଼ି ପଡ଼ିବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ଜାନୁଆରୀ ୨୬ରୁ ୨୭ ତାରିଖ ମଧ୍ୟରେ କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କୁହୁଡ଼ି ପଡ଼ିବାର ସମ୍ଭାବନା ରହିଛି।

## ଗୋଟିଏ ଦିନରେ ୭୨୯୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୨୪।୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୭୨୯୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୧୧୯୫୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୯୫୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୧ ଲକ୍ଷ ୨୧ ହଜାର ୦୬୮ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୧୭୬୫ ରହିଛି ।ଆଜି ଚିହ୍ନଟ ହୋଇଥିବା ୭୨୯୧ ଜଣଙ୍କ ମଧ୍ୟରୁ ୪୨୨୬ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୦୬୫ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୯୪୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୮୩, ବାଲେଶ୍ୱର ଜିଲ୍ଲାରୁ ୩୪୩ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୧୩୦ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୯୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨୧୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୫୫ , କଟକରୁ ୫୬୧ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୬୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୯୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୯୫, ଗଂଜାମ ଜିଲ୍ଲାରେ ୫୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୨୧, ଯାଜପୁରରୁ ୨୦୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୮୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୧୭୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୯୮ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୦୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।କେନ୍ଦୁଝରରୁ ୧୩୨ , ଖୋର୍ଦ୍ଧାରୁ ୧୭୦୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।କୋରାପୁଟ ଜିଲ୍ଲାରୁ ୧୧୧ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୨୨୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୪୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୧୯୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୧୬୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ପୁରୀ ଜିଲ୍ଲାରୁ ୧୧୬ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୨୯୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୧୭୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୨୮୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୬୪୬, ଷ୍ଟେଟ୍ ପୁଲରୁ ୩୬୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## ଆଜିସୁଦ୍ଧା ଦିଆଗଲାଣି ୫.୫୬ କୋଟି ଟୀକା

ଭୁବନେଶ୍ୱର , ୨୪।୧(ପି.ଏନ): କରୋନା ବିରୋଧି ଟୀକାକରଣ ଅଭିଯାନରେ ଆଜି ସୁଦ୍ଧା ରାଜ୍ୟରେ ସମୁଦାୟ ୫ କୋଟି ୫୬ ଲକ୍ଷ ୬୨ ହଜାର ୫୪୯ ସଂଖ୍ୟାରେ ଟିକା ଦିଆଗଲାଣି । ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଅନୁସାରେ ସୋମବାର ସକାଳ ସୁଦ୍ଧା ରାଜ୍ୟରେ ସମୁଦାୟ ଦିଆ ଯାଇଥିବା ଟିକାରୁ ପ୍ରଥମ ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୩ କୋଟି ୧୬ ଲକ୍ଷ ୫୬ ହଜାର ୨୨୧ ଜଣ ଥିବା ବେଳେ ଦ୍ୱିତିୟ ଡୋଜ ନେଇଥିବା ଲୋକଙ୍କ ସଂଖ୍ୟା ୨କୋଟି ୩୬ ଲକ୍ଷ ୬୨ ହଜାର ୩୪୯ ଜଣ ।

## ନବୀନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ହେବା ଓଡ଼ିଶାବାସୀଙ୍କୁ ବିସ୍ମିତ କରିଛି : ଛାତ୍ର କଂଗ୍ରେସ ସଭାପତି

ଭୁବନେଶ୍ୱର, ୨୪।୧(ପି.ଏନ): ଇଣ୍ଡିଆ ଟୁଡେ" ପକ୍ଷରୁ କରାଯାଉଥିବା ମୁଡ୍ ଅଫଦି ନେସନ ସର୍ଭେ-୨୦୨୨ରେ ନବୀନ ପଟ୍ଟନାୟକଙ୍କୁ ଦେଶର ସବୁଠାରୁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଭାବରେ ମାନ୍ୟତା ଦେବା ଓଡ଼ିଶାବାସୀଙ୍କୁ ବିସ୍ମିତ କରିଛି ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ କହିଛନ୍ତି। ଓଡ଼ିଶାର ମାତ୍ର ୨,୭୪୩ ଜଣଙ୍କ ମତକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ସବୁଠାରୁ ଜନପ୍ରିୟ ଭାବେ ପ୍ରଚାର କରାଯାଉଛି। ଦୀର୍ଘ ୨୧ ବର୍ଷର ଶାସନ କାଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ କ୍ଷେତ୍ରର ବିଫଳ ହେଲାପରେ "ଇଣ୍ଡିଆ ଟୁଡେ" ଭଳି ମର୍ଯ୍ୟାଦାଜନକ ଗଣମାଧ୍ୟମ ସଂସ୍ଥା ମୁଖ୍ୟମନ୍ତ୍ରୀଙ୍କୁ ବିଭିନ୍ନ ସମୟରେ ବିଭିନ୍ନ କ୍ଷେତ୍ରରେ ଦେଶରେ ୧ ନମ୍ବର ମୁଖ୍ୟମନ୍ତ୍ରୀ ଭାବେ ଏକ ମିଥ୍ୟା ସମ୍ମାନ ଦେଉଛନ୍ତି। ଚାଷୀ ମୃତ୍ୟୁ, ୧ଲକ୍ଷ ୨୫ ହଜାର କୋଟି ଋଣ ଭାର, ସ୍ୱାସ୍ଥ୍ୟ ସେବାର ଦୁର୍ନୀତି ଓ ବିଫଳତା, ଓଡ଼ିଶା ସୀମା ସୁରକ୍ଷାରେ ଅପାରଗତା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ଉତ୍କଟ ଦାରିଦ୍ର୍ୟ ଓ ବେକାରୀ, ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା, ଦାଦନ ସଂଖ୍ୟ ବୃଦ୍ଧି, ସରକାରୀ ଯୋଜନାରେ ବ୍ୟାପକ ହରିଲୁଟ ଏବଂ ବିଶେଷକରି ଭୋକିଲାଙ୍କ ସଂଖ୍ୟାବୃଦ୍ଧି ପ୍ରଭୃତି କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ସଂପୂର୍ଣ୍ଣ ବଦନାମ ହୋଇଛନ୍ତି। ମାତ୍ର ସମସ୍ତଙ୍କୁ ଆଶ୍ଚର୍ଯ୍ୟକରି "ଇଣ୍ଡିଆଟୁଡେ" ନବୀନ ପଟ୍ଟନାୟକଙ୍କୁ ଜନପ୍ରିୟ ମାନ୍ୟତା ଦେଉଛନ୍ତି। ଅନ୍ୟପକ୍ଷରେ "ମର୍ନିଂ କନସଲ୍ଟ ପଲଟିକାଲ ଇଂଟେଲିଜେନ୍ସି" ନାମକ ଆମେରିକୀୟ କମ୍ପାନୀ ମୋଦୀଙ୍କ ଆଦୃତିକୁ ଠିକ୍ ଭାବେ ତଉଲି ନାହାନ୍ତି। ରେଳବାଇ, ଏୟାରପୋର୍ଟ, ଖଣି, ସରକାରୀ ଶିଳ୍ପ, ସାମରିକ ବିଭାଗ, ଏଲଆଇସି, ବ୍ୟାଙ୍କ, ବିମାନ ଓ ସାମୁଦ୍ରିକ ବନ୍ଦର ପ୍ରଭୃତି ସମସ୍ତ ସରକାରୀ ସଂସ୍ଥାକୁ ବିକ୍ରି କରୁଥିବା ମୋଦିଙ୍କ ଆଦୃତି କଣ ତାହା ଉକ୍ତ ଆମେରିକୀୟ କମ୍ପାନୀ ତଉଲି ପାରିନାହାନ୍ତି। ଭାରତରେ କଳା କୃଷି ଆଇନ ଓ ୭୫୦ ଚାଷୀଙ୍କ ମୃତ୍ୟୁ, ଚାଷୀ ହତ୍ୟା, ଅନିୟନ୍ତ୍ରିତ ତୈଳ ଓ ଗ୍ୟାସ ଦର ଏବଂ ବେଲଗାମ୍ ନିତ୍ୟ ବ୍ୟବହାର୍ଯ୍ୟ ଦର, ନୋଟ ବନ୍ଦୀ ବିଫଳତା ଓ ଋଣ ଭାର ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅପାରଗତା ଓ କୁଶାସନକୁ ପଦାରେ ପକାଇଛି।

## ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କରୋନାରେ ସଂକ୍ରମିତ

ଭୁବନେଶ୍ୱର, ୨୪।୧(ପି.ଏନ): ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କରୋନାରେ ସଂକ୍ରମିତ ହୋଇଛନ୍ତି। ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି, ମୁଁ କୋଭିଡ ପଜିଟିଭ୍ ଚିହ୍ନଟ ହୋଇଛି। ଏବେ ଡାକ୍ତରୀ ଚିକିତ୍ସାରେ ରହିଛି। ଯେଉଁମାନେ ଗତକିଛି ଦନି ଭିତରେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି, ସେମାନେ କୋଭିଡ ନିୟମ ମାନନ୍ତୁ ଏବଂ ସତର୍କ ରୁହନ୍ତୁ।

## କରୋନା ସଂକ୍ରମଣ କମୁଛି, ଦଶମ-ଦ୍ୱାଦଶ ଶ୍ରେଣୀ ପରୀକ୍ଷା ହେବ:ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର ,୨୪।୧(ପି.ଏନ): ଛାତ୍ର ଛାତ୍ରୀ ମାନେ ପାଠ ପଢନ୍ତୁ, ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇ ରୁହନ୍ତୁ । ପରୀକ୍ଷା କିଭଳି ସଠିକ୍ ଭାବେ ହେବ ସେନେଇ ପ୍ରସ୍ତୁତି ଚାଲିଛି । ଦଶମ ଓ ଦ୍ୱାଦଶ ପରୀକ୍ଷା ନେଇ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ ଏହି ସୂଚନା ଦେଇଛନ୍ତି ।ଶ୍ରୀ ଦାଶ କହିଛନ୍ତି ଯେ, ଦଶମ ଓ ଯୁକ୍ତ ଦୁଇ ପରୀକ୍ଷା ପାଇଁ ପିଲାମାନେ ପ୍ରସ୍ତୁତ ହୁଅନ୍ତୁ । କରୋନା ଗ୍ରାଫ୍ ତଳମୁହାଁ ହେଉଛି, ସ୍ଥିତିରେ ସୁଧାର ଆସୁଛି । ପରୀକ୍ଷା କିଭଳି ସଠିକ୍ ଭାବେ ହେବ ସେନେଇ ପ୍ରସ୍ତୁତି ଚାଲିଛି । ଖାସ କରି ପିଲାମାନେ ପାଠ ପଢନ୍ତୁ ଏବଂ ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇ ରୁହନ୍ତୁ । ମାଟ୍ରିକ ଫାଷ୍ଟ ସମେଟିଭ୍ ପରୀକ୍ଷା ସରିଛି ।

## ବିଧାନସଭା ନିର୍ବାଚ଼ନ ପାଇଁ ପ୍ରାର୍ଥୀ ଘୋଷଣା କଲା ସପା

ଲକ୍ଷ୍ନୌ, ୨୪।୧(ପି.ଏନ): ୟୁପି ବିଧାନ ସଭା ନିର୍ବାଚ଼ନ ପାଇଁ ସମାଜବାଦୀ ପାର୍ଟି(ସପା) ସୋମବାର ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ଏହି ତାଲିକା ଅନୁଯାୟୀ, ଆଜମ ଖାନ୍ ରାମପୁରରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଝାନସୀ ସଦର ବିଧାନ ସଭାରୁ ସୀତାରାମ କୁଶୱାଙ୍କୁ ପ୍ରାର୍ଥୀ କରାଯାଇଛି। ସୀତାରାମ ମଧ୍ୟ ୨୦୧୨ ଏବଂ ୨୦୧୭ ବିଧାନସଭା ନିର୍ବାଚ଼ନରେ ଭାଗ୍ୟ ପରୀକ୍ଷା କରିଛନ୍ତି। ସେ ଗତ ନିର୍ବାଚ଼ନରେ ବହୁଜନ ସମାଜ ପାର୍ଟି(ବିଏସପି) ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ଗତ ବର୍ଷ ସେ ବିଏସପି ଛାଡି ଏସପିରେ ଯୋଗ ଦେଇଥିଲେ। ଏସପିରେ ଯୋଗଦେବା ପରଠାରୁ ତାଙ୍କୁ ଝାନସୀ ବିଧାନସଭା ଆସନରୁ ପ୍ରାର୍ଥୀ କରିବା ନେଇ ଚ଼ର୍ଚ୍ଚା ହେଉଥିଲା। ପ୍ରଥମ ପର୍ଯ୍ୟାୟରେ ସମାଜବାଦୀ ପାର୍ଟି ୧୫୯ ଜଣଙ୍କର ପ୍ରାର୍ଥୀ ତାଲିକା ଘୋଷଣା କରିଛି। ଏହି ପ୍ରଥମ ପର୍ଯ୍ୟାୟରେ ଦଳର ସଭାପତି ଅଖିଳେଶ ଯାଦବଙ୍କ ସହ ତାଙ୍କ ଦାଦା ଶିବପାଲ ଯାଦବଙ୍କ ନାମ ମଧ୍ୟ ଅଛି। ଅଖିଳେଶ କରହାଲରୁ, ଶିବପାଲ ଜସୱନ୍ତନଗରରୁ ପ୍ରତିଦ୍ୱନ୍ଦ୍ୱିତା କରିବେ।



ଜେଲରେ ଥିବା ସପା ସାଂସଦ ଆଜମ ଖାନ ରାମପୁରରୁ ପ୍ରତିଦ୍ୱନ୍ଦ୍ୱିତା କରିବେ ।ସେହିପରି ଆଜମ ଖାନ୍‌ଙ୍କ ପୁଅ ଅବଦୁଲ୍ଲା ଆଜମ ସ୍ୱାର ଆସନରୁ ଲଢ଼ିବେ। ସେହିପରି ମନୋଜ ପାଣ୍ଡେଙ୍କୁ ଉଞ୍ଚାହାର ଆସନରୁ ଟିକେଟ ଦିଆଯାଇଛି। ତେବେ ଏହି ଆସନରୁ ସ୍ୱାମୀ ପ୍ରସାଦ ମୌର୍ଯ୍ୟ ତାଙ୍କ ପୁଅ ପାଇଁ ଟିକେଟ ଦାବି କରୁଥିବା ଚ଼ର୍ଚ୍ଚା ହୋଇଥିଲା । ନିକଟରେ ଅସନ୍ତୁଷ୍ଟ ହୋଇ ବିଜେପି ଛାଡି ସପାରେ ଯୋଗ ଦେଇଥିଲେ ସ୍ୱାମୀ ପ୍ରସାଦ ମୌର୍ଯ୍ୟ।

## ଭାରତରେ ଜନ୍ମ ନେଲା ଦୁଇଟି ମୁଣ୍ଡଥିବା ବାଛୁରୀ, ସୋସିଆଲ୍ ମିଡିଆରେ ହେଲା ଭାଇରାଲ୍



ନୂଆଦିଲ୍ଲୀ, ୨୪।୧(ପି.ଏନ): ସାଧାରଣତଃ ଗାଈଟିଏ ଗୋଟିଏ ମୁଣ୍ଡ ଥିବା ବାଛୁରୀକୁ ଜନ୍ମ ଦେଇଥାଏ । କିନ୍ତୁ ଏବେ ଭାରତରେ ଦୁଇଟି ମୁଣ୍ଡ ଥିବା ବାଛୁରୀ ଜନ୍ମ ନେଇଛି । ଯାହାକୁ ନେଇ ଏବେ ବେଶ୍ ଚ଼ର୍ଚ୍ଚା । ଏହି ବାଛୁରୀର ଦୁଇଟି ମୁଣ୍ଡ ଥିବା ବେଳେ ଦୁଇଟି ଆଖି ଏବଂ ଦୁଇଟି ପାଟି ରହିଛି । ଉତ୍ତର ଭାରତର ତ୍ରିପୁରା ସ୍ଥିତ ଗୋମାଟି ଜିଲ୍ଲାରେ ଏପରି ଏକ ବିଚ଼ିତ୍ର ବାଛୁରୀ ଜନ୍ମ ନେଇଥିବା ଜଣାପଡ଼ିଛି । ଏଭଳି ଘଟଣା ବିରଳରୁ ବିରଳତମ । ଜିନ୍‌ଗତ କାରଣ କିମ୍ବା ସ୍ୱାସ୍ଥ୍ୟ ଜନୀତ ସମସ୍ୟା କାରଣରୁ ଏପରି ବାଛୁରୀ ଜନ୍ମ ହୋଇଥିବା କୁହାଯାଇଛି । ଦୁଇଟି ମୁଣ୍ଡ ନେଇ ଜନ୍ମିତ ବାଛୁରୀକୁ ପଲିସେଫାଲି ବୋଲି କୁହାଯାଏ । ଏହି ଜୀବଟି ଖୁବ୍ କମ୍ ଦିନ ବଞ୍ଚିଥାଏ ଅର୍ଥାତ କିଛି ମାସ ମଧ୍ୟରେ ଏହାର ମୃତ୍ୟୁ ହୋଇଯାଇଥାଏ ।ତେବେ ଏହି ବାଛୁରୀଟିକୁ ସ୍ଥାନୀୟ ଲୋକେ ଯତ୍ନର ସହ ରଖିଥିବା ବେଳେ ଏହା ଖୁବ୍ କମ୍‌ଦିନ ବଞ୍ଚିବ ବୋଲି କହିଛନ୍ତି । ଡାକ୍ତର ପ୍ରୀତମ୍ ସରକାର ଏପରି ବାଛୁରୀ ସେ ୧୫-୨୦ ବର୍ଷ ପରେ ଦେଖୁଥିବା କହିଛନ୍ତି ଏବଂ ଏହାର ବଞ୍ଚିବା ସମ୍ଭାବନା ୩୮ ପ୍ରତିଶତ ଥିବା ପ୍ରକାଶ କରିଛନ୍ତି ।

## ସଂରକ୍ଷିତ ଆସନରେ ବିଜେଡିର ସାଧାରଣ ବର୍ଗର ପ୍ରାର୍ଥୀ : ନିର୍ବାଚନ କମିଶନ ପାଖରେ ଫେରାଦ ହେଲା କଂଗ୍ରେସ

ଭୁବନେଶ୍ୱର, ୨୪।୧(ପି.ଏନ): ଜଗତସିଂହପୁର ଜିଲ୍ଲାର ବାଲିକୁଦା ନିର୍ବାଚନ ମଣ୍ଡଳୀରେ ଚଂଚକତା କରି ଅନୁସୂଚିତ ଜାତି ପାଇଁ ସଂରକ୍ଷିତ ଆସନରେ ସାଧାରଣ ବର୍ଗର ବ୍ୟକ୍ତିଙ୍କୁ ପ୍ରାର୍ଥୀ କରିଛି ଶାସକ ବିଜୁ ଜନତା ଦଳ। ଏ ସଂପର୍କରେ ରିଟର୍ଣ୍ଣି ଅଫିସରଙ୍କ ପାଖରେ ଅଭିଯୋଗ ଦାଖଲ କରିଥିଲେ ମଧ୍ୟ ରିଟର୍ଣ୍ଣିଂ ଅଫିସର କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ସଂପୃକ୍ତ ପ୍ରାର୍ଥୀଙ୍କ ପ୍ରାର୍ଥୀପତ୍ର ନାକଚ ସହ ତାଙ୍କ ବିରୋଧରେ ଫୌଜଦାରି ମୋକଦ୍ଦମା ରୁଜୁ ଦାବିରେ ଆଜି ରାଜ୍ୟ ନିର୍ବାଚନ କମିଶନଙ୍କ ପାଖରେ ଫେରାଦ ହୋଇଛି କଂଗ୍ରେସର ପ୍ରତିନିଧି ଦଳ। ସୂଚନା ଅନୁସାରେ ଜଗତସିଂହପୁର ଜିଲ୍ଲାର ବାଲିକୁଦା ଜୋନ ନଂ-୨ ଜିଲ୍ଲା ପରିଷଦ ଆସନ ଅନୁସୂଚିତ ଜାତିବର୍ଗ ପାଇଁ ସଂରକ୍ଷିତ। ଶାସକ ବିଜେଡ଼ି ତରଫରୁ ପ୍ରାର୍ଥୀ ହୋଇଥିବା ଜଟାଧାରୀ ଦାସଙ୍କ ଜାତି କୈବର୍ତ -ବୈଷ୍ଣବ ଯାହା ଅନୁସୂଚିତ ଜାତି ତାଲିକାରେ ନାହିଁ। ଶ୍ରୀ ଦାସଙ୍କର ବାପା କୈବର୍ତ ବୈଷ୍ଣବ ଓ ଜେଜେବାପା ମଧ୍ୟ କୈବର୍ତ ବୈଷ୍ଣବ ଏ ସଂପର୍କରେ ପ୍ରାମାଣିକ ତଥ୍ୟ ଓ ଦଲିଲ ମଧ୍ୟ କମିଶନଙ୍କ ପାଖରେ ଦାଖଲ କରାଯାଇଛି ।ପ୍ରାର୍ଥୀ ହୋଇଥିବା ଶ୍ରୀ ଦାସ ଆବେଦନ କରିଥିବା ଜାତି ପ୍ରମାଣ ପତ୍ରକୁ ତହସିଲଦାର ନାକଚ କରିବା ସତ୍ୱେ ସେ ବହୁ ପୁରୁଣା ମିଥ୍ୟା ଜାତି ପ୍ରମାଣପତ୍ର ଦାଖଲ କରିଛନ୍ତି ଯାହା ଉପରେ ଦଳ ତରଫରୁ ରିଂଟର୍ଣ୍ଣି ଅଫିସରଙ୍କ ପାଖରେ ଅଭିଯୋଗ କରାଯାଇଥିଲା। କିନ୍ତୁ ରିଟର୍ଣ୍ଣିଂ ଅଫିସର ରାଜ୍ୟ ସରକାର ଓ ବାଲିକୁଦା ବିଧାୟକ ତଥା ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ଚାପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ତେଣୁ କଂଗ୍ରେସର ପ୍ରତିନିଧି ମଣ୍ଡଳୀ ରାଜ୍ୟ ନିର୍ବାଚନ କମିଶନଙ୍କ ପାଖରେ ସମ୍ପୃକ୍ତ ପ୍ରାର୍ଥୀଙ୍କର ପ୍ରାର୍ଥୀ ପତ୍ର ନାକଚ ସହ ତାଙ୍କ ବିରୋଧରେ ଫୌଜଦାରୀ ମୋକଦ୍ଦମା ରୁଜୁ କରିବାକୁ ଦାବି କରିଛନ୍ତି। ଏଥିସହିତ ରିଟର୍ଣ୍ଣିଂ ଅଫିସରଙ୍କ ପକ୍ଷପାତପୂର୍ଣ୍ଣ ବେଆଇନ କାର୍ଯ୍ୟପାଇଁ ତାଙ୍କ ବିରୋଧରେ ମଧ୍ୟ ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଏହି ପ୍ରତିନିଧି ମଣ୍ଡଳୀରେ ଡ. ଲଲାଟେନ୍ଦୁ ମହାପାତ୍ର, ଶିବାନନ୍ଦ ରାୟ, ଯଜ୍ଞେଶ୍ୱର ବାବୁ, ମନୋରଞ୍ଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ସନ୍ତୋଷ କୁମ୍ଭାର, ଦୀପକ ମହାପାତ୍ର, ବିକ୍ରମ ପରିଡ଼ା ଓ କଂଗ୍ରେସ ଜିଲ୍ଲା ପରିଷଦ ପ୍ରାର୍ଥୀ ଶରତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।










# ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଆଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ । ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଷିଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶ୍ରେଷ୍ଠ ଦାନରେ ପରିଗଣିତ ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁଭବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ । ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ । ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ । ସକାଳୁ ସକାଳୁ କୁହୁଡି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ । ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ । ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ । ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି । ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା । ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି । ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ । ଚିତା ଓ ମୁରୁଜ ତା' ଉପରେ ପକାଯାଏ । ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ । ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା । ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ । ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ । ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ । ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ । ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ । ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ । ପରେ ଖଣ୍ଡପଡା ନିକଟସ୍ଥା ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ । ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର । ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ । ବିଚିତ୍ରବର୍ଣ୍ଣ । ବ୍ରହ୍ମଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ । ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛିରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ । ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ । ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ । ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ । ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ । ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ । ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା । ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ) । ଏହି ଗ୍ରନ୍ଥର ମୋଟ ଶ୍ଳୋକ ସଂଖ୍ୟା ୨୫୦୦ । ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ ।

# ଆଜିର ଭାଗ୍ୟ


ମେଷ
ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତ୍ରୁ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।


ବୃଷ
ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।


ମିଥୁନ
ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ ।


କର୍କଟ
ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।


ସିଂହ
ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।


କନ୍ୟା
ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।


ତୁଳା
ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।


ବିଛା
ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।


ଧନୁ
ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।


ମକର
କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।


କୁମ୍ଭ
ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।


ମୀନ
ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସିଂହ ସହିତ ବନ୍ଧୁତା



ସିଂହ, ବାଘ ଭଳି ହିଂସ୍ର ଜନ୍ତୁଙ୍କର ନାମ ଶୁଣିଲେ ସମସ୍ତଙ୍କ ମନରେ ଭୟ ଆସିଯାଏ । କିନ୍ତୁ ଜଣେ ଝିଅ ଅଛି ଯିଏ ସିଂହ ଓ ବାଘମାନଙ୍କ ଗହଣରେ ବିନା ଡରଭୟରେ ରହିଥାଏ । ହଁ, ଆଜ୍ଞା ନାମ୍ବିୟାର ବୁଶ ଗର୍ଲ ନାମରେ ପ୍ରସିଦ୍ଧ ମାର୍ଲିସି ଭାନଡେର ମେରୱେ ବିନା ଡରରେ ସିଂହ ଓ ବାଘ ପାଖକୁ ଯାଇଥାନ୍ତି । ସୋସିଆଲ ସାଇଡ଼ରେ ବି ଏହି ଝିଅର ସାହସିକତା ଭିଡ଼ିଓ ଭାଇରାଲ ହୋଇସାରିଲାଣି ଓ ସେ ଝିଅଟି ସେନ୍ ବୁସମେନ୍ ସମୁଦାୟ ପାଖରେ ରହୁଥିବା କାରଣରୁ ତାକୁ ବୁସ୍ ଗର୍ଲର ନାମ ଦିଆଯାଇଛି । କହି ରଖୁଛୁ ନାମ୍ବିୟାର ପ୍ରସିଦ୍ଧ ସଂରକ୍ଷଣବାଦୀ ଓ ଟିଭି କାର୍ଯ୍ୟକ୍ରମ ପ୍ରସ୍ତୁତକର୍ତ୍ତା ମର୍ଲିସି ଯିଏ ୩୦ବର୍ଷରୁ ଏହି ବନ୍ୟ ଜନ୍ତୁଙ୍କ ମଧ୍ୟରେ ରହିଆସୁଛନ୍ତି । କଥା କ'ଣ କି ନାମ୍ବିୟାର ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ମଧ୍ୟରେ ତାଙ୍କ ପିତାଙ୍କର ଫାର୍ମ ହାଉସ ଅଛି ଓ ସେଠି ୯ରୁ ଅଧିକ ଜଙ୍ଗଲୀ ଚିତା ଅଛନ୍ତି । ମର୍ଲିସି ଚିତାମାନଙ୍କୁ ଡରିବା ପରିବର୍ତ୍ତେ ଚିତାମାନେ ତାଙ୍କର ବୋଲମାନନ୍ତି । ମର୍ଲିସି ବିନା ଭୟରେ ତାଙ୍କର ମୋଟର ଗାଡ଼ି ଧରି ଚାଲିଯା'ନ୍ତି ଚିତାଙ୍କ ଗହଣକୁ । ଚିତା ଯେତେବେଳେ ଆକ୍ରମଣ କରିବା ପାଇଁ ଆସନ୍ତି ମର୍ଲିସିଙ୍କୁ ଦେଖି ଶାନ୍ତ ହୋଇଯା'ନ୍ତି ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି । କାଗଜରେ ନିର୍ଦ୍ଦେଶ ବି ଆସୁଛି । ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ । ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି । ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା । କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା । ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା । ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା । ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ । ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ । ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ । ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ । ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ । ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ । ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ । ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋପାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ । ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ



ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ । କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି । ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି । ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରିଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି । ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି । ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି । ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି । କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି । ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି । ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ । ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ । ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି । ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି । ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି ।




# ବକ୍‌ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ର: ଏକ ସ୍ପର୍ଦ୍ଧିତ ଉଚ୍ଚାରଣ



ବକ୍‌ସି ଗୋପିନାଥ ଭ୍ରମରବର ରାୟ (୧୭୬୬-୧୭୯୦)ଙ୍କ ସ୍ୱନାମଧନ୍ୟ ପୁତ୍ର ବକ୍‌ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ର, ସଂକ୍ଷେପରେ ବକ୍‌ସି ଜଗବନ୍ଧୁ (୧୭୬୦-୧୮୨୯ ଜାନୁୟାରୀ ୨୪) ଗଡ଼ରୋଡ଼ଙ୍ଗର ଗଡ଼ାଧୀଶ ତଥା ଶ୍ରୀ ଗଜପତି ମୁକୁନ୍ଦ ଦେବ ଦ୍ୱିତୀୟ ଖୋର୍ଦ୍ଧାଙ୍କ ପ୍ରଧାନ ସେନାପତି ଜଣେ ସ୍ପର୍ଦ୍ଧିତ ଉଚ୍ଚାରଣର ବ୍ୟକ୍ତିତ୍ୱ ଥିଲେ । ସେ ଖାଲି ଓଡ଼ିଶାର ନୁହେଁ, ସମଗ୍ର ଭାରତରେ ଫିରିଙ୍ଗି ବିରୁଦ୍ଧରେ ତାଙ୍କ ବିତାଡ଼ନ ତଥା ଆମ ସ୍ୱାଧୀନତା ପାଇଁ ମେଳି ଓ ସଂଗ୍ରାମ ଖ୍ରୀ.୧୮୧୭ ରୁ ୧୮୨୫ ଯାଏଁ ଚାଲୁ ରଖିଥିଲେ । ଏପରି ଏକ ସଂଗ୍ରାମୀ ଭାରତରେ କୁତ୍ରାପି ଦେଖା ଯାଇନଥିଲେ ବୋଲି ନିଶ୍ଚିତ ଭାବରେ କୁହାଯାଇପାରେ । ଏଣୁ ତାଙ୍କୁ ଜଣେ ବୀରଶ୍ରେଷ୍ଠ ଭାବରେ ଓଡ଼ିଶା ଓ ଓଡ଼ିଆ ଜାତି ବିଶେଷ କରି ପାଇକଜାତି ଗ୍ରହଣ କରେ । ଏହି ମର୍ଯ୍ୟାଦା ଆମେ ଏବେ ଭାରତ ସରକାରଙ୍କଠାରୁ ଦାବୀ କରୁ ଏଇଥିପାଇଁ ଯେ ଇଂରେଜ ସରକାର ବିରୁଦ୍ଧରେ ପ୍ରଥମ ସ୍ୱାଧୀନତା ସଂଗ୍ରାମ ୧୮୫୭ ଖ୍ରୀଷ୍ଟାବ୍ଦରେ ନୁହେଁ, ୧୮୧୭ ଖ୍ରୀଷ୍ଟାବ୍ଦରେ ଯାହା ବିଧିବଦ୍ଧ ଓ ନ୍ୟାୟୋଚିତ ଭାବେ ବକ୍‌ସି ଜଗବନ୍ଧୁଙ୍କ ନେତୃତ୍ୱରେ ୧୮୧୭ ମସିହାରୁ ଆରମ୍ଭ କରି ଦୀର୍ଘ ୮ବର୍ଷଧରି ଚାଲିଥିଲା ।

୧୮୦୩ ମସିହାର ଦେଓଗାଁ ସନ୍ଧି ଅନୁସାରେ ତତ୍‌କାଳୀନ ଓଡ଼ିଶାର ମରହଟ୍ଟା ଶାସକ ରଘୁଜୀ ଭୋନସଲା ଇଂରେଜମାନଙ୍କୁ ତାଙ୍କ ସାମ୍ରାଜ୍ୟ ଲେଖିଦେଲେ । ଅର୍ଥାତ୍ ଓଡ଼ିଶାରୁ ମରହଟ୍ଟା ଶାସନ ଲୋପ ପାଇଲା ଏବଂ ଇଂରେଜମାନଙ୍କୁ ଓଡ଼ିଶା ଦଖଲ ପାଇଁ ବାଟ ଫିଟିଗଲା । ଗୃହଶତ୍ରୁ ମାଲୁଦର ଜମିଦାର ଫତେ ମହମ୍ମଦଙ୍କ ସହାୟତାରେ ସେମାନେ ଚିଲିକାର ବକ୍ଷ ଓ ପୁରୀ ଦେଇ କଟକ ପହଞ୍ଚି ତାଙ୍କ ଗାଦିକୁ ଦୃଢ଼ କରିବାକୁ ସମର୍ଥ ହେଲେ । ସେତେବେଳକୁ ଖୋର୍ଦ୍ଧାର ରାଜା ଥିଲେ ଦ୍ୱିତୀୟ ମୁକୁନ୍ଦ ଦେବ । ଚାହିଁଥିଲେ ସେତେବେଳେ ମୂଳସୁ ଇଂରେଜମାନଙ୍କ ପ୍ରଚେଷ୍ଟାକୁ ରୋକା ଯାଇ ପାରିଥା’ନ୍ତା । କିନ୍ତୁ ସୂର୍ଯ୍ୟ ବୁଡୁନଥିବା ଦେଶର ଶକ୍ତିକୁ ରୋକିବାକୁ ଯେଉଁ ଆବଶ୍ୟକୀୟ ଲୋକବଳ, ଅସ୍ତ୍ର ଓ ଶସ୍ତ୍ରବଳ ଦରକାର, ସେ ସବୁ ଗଜପତିଙ୍କ ପାଖରେ ନଥିଲା । ଏଥିପାଇଁ ଯୁଦ୍ଧକୁ ରାଜା ଶଙ୍କୁଥିଲେ । ଅନ୍ୟପକ୍ଷରେ ଫିରିଙ୍ଗି ସହିତ ସନ୍ଧିକରି କେମିତି ରାଜ୍ୟ ରକ୍ଷା କରି ତିଷ୍ଠିଯିବାକୁ ଚାହିଁଲେ ।

ଏକଥା କିନ୍ତୁ ବକ୍‌ସି ଚାହୁଁ ନଥିଲେ । ସେ ଫିରିଙ୍ଗିଙ୍କୁ ଉଚିତ୍ ଜବାବ୍ ଦେବାକୁ ଚାହୁଁଥିଲେ । ତେଣୁ ସନ୍ଧି ନେଇ ଯେତେବେଳେ କର୍ଣ୍ଣେଲ ହାର୍କୋଟ ମୁକୁନ୍ଦଦେବ ଦ୍ୱିତୀୟ ଡକାଇଲେ, ତାଙ୍କ ତରଫରୁ ବକ୍‌ସି ଗଲେ । ସେଠି ଯୁକ୍ତିତର୍କ ହେଲା । କର୍ଣ୍ଣେଲହାର୍କୋଟ - ମୁକୁନ୍ଦଦେବ ଆତ୍ମସମର୍ପଣ କରନ୍ତୁ । ବକ୍‌ସି ଏଥିରେ ଉତ୍‌କ୍ଷିପ୍ତ ହୋଇ ଯେମତି ରାଣା ପ୍ରତାପ ଆକବରଙ୍କ ପାଖେ ମୁଣ୍ଡ ନ ନୁଆଁଇବା ପାଇଁ କହିଥିଲେ ଯେ ମେୱାର ସୂର୍ଯ୍ୟ (ରାଜପୁତ୍ର) ଈଶ୍ୱରଙ୍କ ପାଖେ ମୁଣ୍ଡ ନୁଆଁଇ ପରେ; ମାତ୍ର ଗୋଟେ ମର ମଣିଷ ପାଖେ ନୁହେଁ । The Sun of Mewar canot bow his head before a mortal man; but God, ସେମିତି ବକ୍‌ସି ଗର୍ଜି ଉଠିଥିଲେ, “ଓଡ଼ିଆ ଗଜପତି ଜଗନ୍ନାଥଙ୍କ ବ୍ୟତୀତ କାହାପାଖରେ ମୁଣ୍ଡ ନୁଆଁଇବେ ନାହିଁ କି ସେ ନୁଆଁନ୍ତି ନାହିଁ । ଏ ଜାତିର ଶାସକ ବା ନେତା ସ୍ୱୟଂ ନାରାୟଣ ବା ଜଗନ୍ନାଥ । ରାଜା ତାଙ୍କର ଚଳନ୍ତି ପ୍ରତିମା : ରାଉତ । ସେ ତାଙ୍କ ତରଫରୁ ଶାସନ କରନ୍ତି । ତୁମ ପାଖେ ମୁଣ୍ଡ ନୁଆଁଇବା ପ୍ରଶ୍ନ ନାହିଁ । ଆମେ ତୁମକୁ ଯୁଦ୍ଧକୁ ଆହ୍ୱାନ କରୁଛୁ ।” ଏହାଥିଲା ସେଦିନ ବକ୍‌ସିଙ୍କର ସ୍ପର୍ଦ୍ଧିତ ସ୍ୱର ।

୧୮୦୪ ମସିହାରେ ହଠାତ୍ ପାଇକ ବାହିନୀ ଫିରିଙ୍ଗି ସେନା ବାହିନୀ ଉପରେ ପିପିଲି ଠାରେ ଆକ୍ରମଣ କରିଦେଲେ । ବ୍ରିଟିଶ୍ ସୈନ୍ୟଙ୍କ ମୁଣ୍ଡ ଗଡ଼ିଲା । ଉପାୟ ନ ପାଇ କର୍ଣ୍ଣେଲ ହାରକୋଟ ମାନ୍ଦ୍ରାଜରୁ ମେଜରଫ୍ଲେଚରଙ୍କୁ ସୈନ୍ୟବାହିନୀ ସହ ତୁରନ୍ତ ଆସି ଅବସ୍ଥା ସମ୍ଭାଳିବାକୁ ବାର୍ତ୍ତା ପଠାଇଲେ । ସେ ସଂପୂର୍ଣ୍ଣ ପ୍ରସ୍ତୁତି ସହ ଆସି ପହଞ୍ଚିଲେ ।

ଏବେ ପ୍ରଶ୍ନ ବରୁଣେଇ ଦୁର୍ଗ ରକ୍ଷା କରାଯିବ କିପରି ? ବକ୍‌ସି ଓ ଜୟୀରାଜଗୁରୁଙ୍କ ବ୍ୟୁହ ରଚନା ଯୋଗୁଁ ଫିରିଙ୍ଗି ସୈନ୍ୟଙ୍କୁ ବରୁଣେଇ ଦୁର୍ଗ ପହଞ୍ଚିବାରେ ୩ୟ ସପ୍ତାହ ସମୟ ଲାଗିଲା । ଏଣେ ବିଶ୍ୱାସଘାତକ ଦେଶଦ୍ରୋହୀ ଚରଣ ପଟ୍ଟନାୟକ ଓ କାଞ୍ଚିବେଣ୍ଟା ଭେଦ ବତାଇବା କାରଣ ହେତୁ ଫିରିଙ୍ଗିମାନେ ବରୁଣେଇ ଦୁର୍ଗ ଅବରୋଧ କଲେ । ସେପଟେ ଗଡ଼ ଭିତରେ ଖାଦ୍ୟ ଓ ପାନୀୟ ବିନା ପାଇକମାନେ ଛଟପଟ ହେଉଥା’ନ୍ତି । ଏଥିରୁ ଯୁଦ୍ଧର ଭାଗ୍ୟ ନିର୍ଣ୍ଣୟ ହେଲା ।

ଇଂରେଜମାନେ ୧୮୦୪ ମସିହା ଡିସେମ୍ବର ୪ ତାରିଖରେ ତାଙ୍କ ଜାତୀୟ ପତାକା ଇଉନିୟନଫ୍ଲାଗ ବରୁଣାଇ ଗଡ଼ରେ ଉଡ଼ାଇଲେ । ଜୟୀ ରାଜଗୁରୁ ବନ୍ଦୀ ହେଲେ । ତାଙ୍କୁ ୧୮୦୫ ମସିହା ଜାନୁୟାରୀ ମାସରେ ମେଦିନୀପୁରର ବାଘୀତୋଟାରେ ଏକ ବରଗଛରେ ଫାଶି ଦିଆଗଲା । ସେଇ ମେଦିନପୁରରେ ରାଜା ମୁକୁନ୍ଦ ଦେବ ୨ୟ ମଧ୍ୟ ବନ୍ଦୀ ଥିଲେ ।

ପରବର୍ତ୍ତୀ ସମୟରେ ସେହି ବକ୍‌ସିଙ୍କ ଫନ୍ଦି କାରଣରୁ ୧୮୦୭ ଡିସେମ୍ବର ୭ ରେ ରାଜାଙ୍କୁ ଫିରିଙ୍ଗି ମୁକ୍ତକଲା; କିନ୍ତୁ ତାଙ୍କର ସମସ୍ତ ସଂପତ୍ତି ଓ ରାଜ୍ୟ ଫିରିଙ୍ଗି ହସ୍ତକୁ ଚାଲିଗଲା । ସେ କେବଳ ନାଁକୁ ମାତ୍ର ଶାସକ ରହିଲେ । ପ୍ରକୃତ ଶାସନ ଥିଲା ମିଃ. ଫ୍ଲେଚରଙ୍କ ହସ୍ତରେ । ସେଥିପାଇଁ ରାଜାଙ୍କୁ କୁହାଗଲା ମାହାଳିଆ ମୁକୁନ୍ଦ ।

ମିଃଫ୍ଲେଚର ଓଡ଼ିଶା ଶାସନ କରିବା ଦିନଠୁ ଓଡ଼ିଆମାନଙ୍କ ଦୁଃଖ ଦୁର୍ଦ୍ଦଶା ବଢ଼ିବାକୁ ଲାଗିଲା । ଚାଷୀମାନଙ୍କ ଉପରେ ଖଜଣା ଅତ୍ୟଧିକ ବଢ଼ିଲା । ଯିଏ ଖଜଣା ଦେଇ ନ ପାରୁଥିଲେ ତାଙ୍କ ସଂପତ୍ତି କଲିକତାଠି ନିଲାମ କରାଯାଉଥିଲା । ବିଶେଷ କରି ବଙ୍ଗାଳିମାନଙ୍କୁ । ଲୁଣମାରୀ ବଞ୍ଚୁଥିବା ଲୋକଙ୍କୁ ଲୁଣମାରିବାକୁ ଦିଆଗଲାନି । ସେମାନଙ୍କଠୁ ଆମେ ଲୁଣ କିଣିଲୁ । ବଡ଼ ବଡ଼ ଜମିଦାରମାନେ ଖଜଣା ଦେଇ ନପାରିବା ହେତୁ ତାଙ୍କ ଜମିଜମା ବ୍ୟାଜ୍ୟାପ୍ତି ବା ନିଲାମ କରାଗଲା । ଅର୍ଥାତ୍ ରାଜସ୍ୱ ପରିଚାଳନା ଠିକ୍ ରହିଲା ନାହିଁ । ସେପଟେ ପ୍ରଚଳିତ କଉଡ଼ି ମୁଦ୍ରାର ହ୍ରାସ ଓ କଉଡ଼ି ପ୍ରତି ଅନାଦାର ଭାବ ସୃଷ୍ଟି କରାଗଲା ଏବଂ ସର୍ବୋପରି ପୋଲିସର ନିର୍ଘାତ ଦମନମୂଳକ ଶାସନ ଓ ଶୋଷଣ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲା ।

ଓଡ଼ିଆ ଜମିଦାରମାନଙ୍କ ଜମି ନିଲାମବେଳେ ନିଲାମ ଧରୁଥିଲେ ବଙ୍ଗାଳି ଜମିଦାରମାନେ । ଏଥିରେ ସର୍ବସ୍ୱାନ୍ତ ହୋଇଗଲେ ଓଡ଼ିଆ ପାଇକମାନେ । କାରଣ ରାଜାଗଲେ, ତାଙ୍କ ଜାଗିରୀ ଗଲା । ସେମାନେ ବଞ୍ଚିବେ କେମିତି ? ସେମିତି ତନ୍ତୀମାନଙ୍କ ତନ୍ତ ବନ୍ଦ । ବିଦେଶୀ ଲୁଗା କିଣ । ଏଇଥିପାଇଁ ଫିରିଙ୍ଗି ବିରୁଦ୍ଧରେ ଲଢ଼ିବା ପାଇଁ ଲୋକଙ୍କ ଭିତରେ ମେଳି ହେଲା । ତେବେ ଏ ମେଳିର ନେତାହେବ କିଏ? କିଏ ନେତୃତ୍ୱ ଦେବ?

ବକ୍‌ସି ଜଗବନ୍ଧୁ ଖୋର୍ଦ୍ଧା ରାଜାଙ୍କର ମୁଖ୍ୟ ସେନାପତି ଥିଲେ । ମରହଟ୍ଟା ଶାସନବେଳେ ରୋଡ଼ଙ୍ଗ ଗଡ଼ ତାଙ୍କୁ ପଟ୍ଟା ମିଳିଥିଲା । ତା ବାଦେ ତାଙ୍କର ପୈତୃକ ସମ୍ପତ୍ତି ୨୦୦ ବାଟି ଥିଲା । ଏମିତି ମିଶିକି ଥିଲା ପ୍ରାୟ ୪୦୦ ବାଟି । ବକ୍‌ସି ତାଙ୍କ ଖଜଣା ଠିକ୍ ଦାଖଲ କରୁଥିଲେ; କିନ୍ତୁ ଖୋରଧାରେ ଫ୍ଲେଚର ସାହେବଙ୍କ ଶାସନ କାଳରେ ଜଣେ ବଙ୍ଗାଳୀ କୃଷ୍ଣଚନ୍ଦ୍ର ସିହଂ ତାଙ୍କ ଅଧୀନରେ ଦେୱାନ୍ ଥିଲେ । ସେ ଓଡ଼ିଆମାନଙ୍କ ବିପରୀତପନ୍ଥୀ । ସେ ବକ୍‌ସିଙ୍କ ଖଜଣାକୁ ଚକ୍ରାନ୍ତ କରି ଏପଟ ସେପଟ କରିଦେଲେ । ଫଳରେ ଯେତେବେଳେ ରାହାଙ୍ଗ ପ୍ରଗଣା ନିଲାମ ହେଲା, ତା’ ଭିତରେ ଥିବା ରୋଡ଼ଙ୍ଗଗଡ଼କୁ ଖଜଣା ଅନାଦେୟ ଦେଖାଇ ନିଲାମ କରିଦିଆଗଲା । ତେଣୁ ବକ୍‌ସିଙ୍କର ସମସ୍ତ ସମ୍ପତ୍ତି ଚାଲିଗଲା, ତାକୁ ପୁଣି ନିଲାମ ଉଠାଇଲା ବଙ୍ଗାଳୀ କୃଷ୍ଣଚନ୍ଦ୍ର ସିଂହ । ଏବେ ବକ୍‌ସି ହେଲେ ବାଟ ଭିକାରୀ । ପିଲାଛୁଆ ଧରି ବାରଦ୍ୱାର ହେଲେ ।

ବକ୍‌ସି ମୁଣ୍ଡ ଟେକିଲେ । ଯେମିତି ହେଲେ ଫିରିଙ୍ଗିମାନଙ୍କର ଗତିରୋଧ କରିବାକୁ ହେବ । ପ୍ରତିଶୋଧ ନେବାକୁ ହେବ । ତାଙ୍କ ନିର୍ଯ୍ୟାତନା ଓ ଶୋଷଣରୁ ମୁକ୍ତ ନେବାକୁ ହେବ । ଏଇଥିପାଇଁ ଫିରିଙ୍ଗି ବିରୁଦ୍ଧରେ ମେଳି କରୁଥିବା ଲୋକମାନଙ୍କର ମେଳିର ମୁଖ୍ୟ ହେଲେ ସର୍ଦ୍ଦାର । ସର୍ଦ୍ଦାର ହେଲେ ବକ୍‌ସି । ଉଦ୍ଦେଶ୍ୟଥିଲା ଓଡ଼ିଶାରୁ ଫିରିଙ୍ଗି ବିତାଡ଼ନ କର ।

ଏତିକିବେଳେ ଘୁମୁସର ରାଜ୍ୟରୁ ପ୍ରାୟ ୪୦୦ କନ୍ଧ ଆଦିବାସୀ ଖୋରଧା ରାଜ୍ୟ ଭିତରେ ପଶି ଇଂରେଜ ସରକାରୀ ଅଫିସଗୁଡ଼ିକରେ ଚଢ଼ଉ ଆରମ୍ଭ କରିଦେଲେ । ଘୁମୁସର ଏକ ଛୋଟିଆ ରାଜ୍ୟ । ସେଠି ରାଜା ଥିଲେ ଧନଞ୍ଜୟ ଭଞ୍ଜ । ଫିରିଙ୍ଗିଙ୍କୁ ତଡ଼ିବା ପାଇଁ ସେ କନ୍ଧମେଳି କରାଇଥିଲେ । ଠିକ୍ ଏତିକିବେଳେ ବକ୍‌ସି ପାଇକମାନଙ୍କୁ ମେଳି କରାଇ ଖୋରଧା, ବାଣପୁର ଓ ଲେମ୍ବାଇ ଇତ୍ୟାଦି ସ୍ଥାନରେ ଫିରିଙ୍ଗି ବିରୁଦ୍ଧରେ ଲଢ଼ିବାକୁ ବାହାରି ଆସିଲେ । ଏମାନେ ସମସ୍ତେ ମିଶି ବାଣପୁର ଅଞ୍ଚଳରେ ପଶି ସରକାରୀ ଅଫିସ୍‌କୁ ନିଆଁ ଲଗାଇଦେଲେ । ଚିଲିକା ହ୍ରଦ ଭିତରେ ଥିବା ଓ ଲୁଣ ଦାୟିତ୍ୱରେ ଥିବା ବେଚର ସାହେବଙ୍କୁ ଦି’ ଗଡ଼ କରିଦେଲେ ।

ବକ୍‌ସି ପାଇକମାନଙ୍କୁ ମେଳି କରି ଫିରିଙ୍ଗି ବିରୁଦ୍ଧରେ ସଂଗ୍ରାମ କରିଥିବାରୁ ଏହାର ନାମ ଥିଲା ପାଇକ ବିଦ୍ରୋହ । ଏହାଥିଲା ଏକ ଗଣ ଆନ୍ଦୋଳନ । ସାରା ଦେଶରେ ଏ ଗଣ ଆନ୍ଦୋଳନ ଥିଲା ପ୍ରଥମ । ଇଂରେଜ ବିରୁଦ୍ଧରେ ଥିଲା ପ୍ରଚଣ୍ଡ ଆକ୍ରମଣ । ଥରୁଥିଲା ଫିରିଙ୍ଗି ।

ବକ୍‌ସି ପାଇକମାନଙ୍କର ମେଳିର ନେତା ବୋଲି ଫିରିଙ୍ଗି ନିମକହାରମ ଦେଶଦ୍ରୋହୀ ଚରଣ ପଟ୍ଟନାୟକଠାରୁ ଜାଣିବାକୁ ପାଇଲା । ଏଣୁ ତାକୁ ଧରିବାକୁ ଗୁପ୍ତଚର ଓ ପୋଲିସ୍ ବାହିନୀ ଲଗାଇଲା । ସେତେବେଳକୁ ବାଣପୁର ଓ ଖୋରଧା ସରକାରୀ ଅଫିସ୍‌ଗୁଡ଼ିକୁ ପାଇକମାନେ ଲୁଟ୍‌ପାଟ୍ କରି ପୋଡ଼ିଜାଳି ଦେଉଥା’ନ୍ତି । ତା’ପରେ ପ୍ରବେଶ କଲେ ଲେମ୍ବାଇ ଅଞ୍ଚଳ । ଯାହା କଲେତ କଲେ, ଚରଣ ପଟ୍ଟନାୟକଙ୍କୁ ହାଣି ସଫା କରିଦେଲେ । ଏ ଥିଲା ତା’ ପାଇଁ ବକ୍‌ସିଙ୍କର ବକ୍‌ସିସ୍ ।

ସେପଟେ ଗଙ୍ଗପଡ଼ାଠି ପାଇକ ବାହିନୀ ଓ ଫିରିଙ୍ଗି ସୈନ୍ୟମାନଙ୍କର ଘମାଘୋଟ ଯୁଦ୍ଧ । ପୁରୀରେ ପଣ୍ଡା ପଡ଼ିଆରୀଙ୍କ ଫିରିଙ୍ଗି ଉପରେ ଏମିତି ଆକ୍ରମଣ ଯେ ଦୁଇଜଣ ଟାଣୁଆ ସେନାପତି ଲୁଚିଛପି ଛୁ’ । ଅଥଚ ଗୁଡ଼ାଏ ମିଛ ବୟାନ ଦେଇ ନିଜେ ରାଜା ମୁକୁନ୍ଦଦେବ କରୁଥା’ନ୍ତି ବିଦ୍ରୋହାଚରଣ । ତଥାପି ବକ୍‌ସିଙ୍କ ଭୟ ନାହିଁ । ଇତି ମଧ୍ୟରେ ୨ୟ ମୁକୁନ୍ଦ ଦେବଙ୍କର ହୁଏ ମୃତ୍ୟୁ । ଏ ସଂଗ୍ରାମରେ ଗୋପରେ ନେତୃତ୍ୱ ନେଉଥିଲେ କରୁଣାକର ପରମଗୁରୁ, କନିକାରେ ବାମଦେବ ପାଟଯୋଷୀ, କୁଜଙ୍ଗରେ ନାରାୟଣ ପରମଗୁରୁ । ଯୁଦ୍ଧ ଆଉ ଯୁଦ୍ଧ । ଇଂରେଜ ହଟାଅ । ଫିରିଙ୍ଗିର ସକଳ ଚେଷ୍ଟା ସତ୍ତ୍ୱେ ବକ୍‌ସିଙ୍କୁ ଧରି ପାରିଲେ ନାହିଁ । ଶେଷରେ ତାଙ୍କ ମୁଣ୍ଡ ଜୀବନ୍ତ ବା ମୃତକୁ ପୁରସ୍କାର ଘୋଷଣା କରାଗଲା । ତଥାପି ସହଜ ନୁହେଁ ।

ଏ ଯୁଦ୍ଧ ଦିନକର ନଥିଲା । ଦୀର୍ଘ ୮ ବର୍ଷ । ଲୁଚିଛପି ପିଲାଛୁଆ ଧରି କେତେ ଲଢ଼ିବେ ବକ୍‌ସି । କେତେ କୁଆଡୁ ଆସିବେ ପାଇକ । କେତେ ହେଲେଣି ନିହତ, କେତେ କ୍ଷତ! କେତେ ଦ୍ୱୀପାନ୍ତର । ସୈନ୍ୟବଳ ଦୁର୍ବଳ । ଫିରିଙ୍ଗିମାନଙ୍କର ଗୁଳି, ତୋପ, କମାଣ ପାଖରେ କ’ଣ ଆଉ କରିପାରିବେ ଏ ନିରସ୍ତ୍ର ପାଇକମାନେ!

୧୮୦୫ ମସିହାରେ ଫିରିଙ୍ଗି ସରକାର ଜଣେ ସରକାରୀ ସିରସ୍ତାଦାର ୱାଜମହମ୍ମଦଙ୍କୁ ନୟାଗଡ଼ ରାଜାଙ୍କ ମଧ୍ୟସ୍ଥତାରେ ବକ୍‌ସିଙ୍କୁ ଚିଠିଟିଏ ଦେଇ ଭେଟିବାକୁ ପଠାଇଲେ । ଯାହାର ସାରାଂଶ ଥିଲା ନିଜେ ନିଜେ ଧରା ଦେଲେ ତାଙ୍କ ପ୍ରତି ସରକାର ନରମ ମନୋଭାବ ପ୍ରକାଶ କରିବେ । ତାଙ୍କ ସଂପତ୍ତିବାଡ଼ି ଫେରିପାଇବେ । ଏଣୁ ବକ୍‌ସି ନିରୁପାୟ ହୋଇ ତାଙ୍କ ଅବଶିଷ୍ଟ ଆଠଜଣ ମେଳିଆ ସର୍ଦ୍ଦାରଙ୍କୁ ଧରି କଟକଠାରେ ଫ୍ଲେଚରଙ୍କୁ ଧରାଦେଲେ ୧୮୨୫ ମସିହା ମେ ମାସରେ । ସେ ବନ୍ଦୀ ହେଲେ ।

ତାଙ୍କର ସମସ୍ତ ସମ୍ପତ୍ତି ଫେରେଇ ଦିଆଗଲା । ସେ ମାସକୁ ୧୦୦ଟଙ୍କା ଭତ୍ତା ପାଇଲେ । ୧୮୨୯ ମସିହା ଜାନୁୟାରୀ ୨୪ରେ ସେ ଶେଷନିଶ୍ୱାସ ତ୍ୟାଗକଲେ ।

କଟକ ସହରରେ ସେ ଯେଉଁ ଘରେ ଯେଉଁଠି ରହୁଥିଲେ ଏବେ ସେ ଜାଗାଟି ତାଙ୍କ ନାଁରେ ବକ୍‌ସି ବଜାର । ତାଙ୍କ ବ୍ୟବହୃତ ପୋଖରୀ ନାଁ ଏବେ ବି ବକ୍‌ସି ପୋଖରୀ ଅଛି । ତାଙ୍କର ଦୁଇଜଣ ସ୍ତ୍ରୀ ଯଥାକ୍ରମେ ରାଧାମଣି ଜେମାଦେବୀ ଓ ଚତୁରମଣି ଜେମାଦେବୀ ଏବଂ ଏକମାତ୍ର ପୁତ୍ର ବକ୍‌ସି ଗୋପିନାଥ ଥିଲେ । ବାପାଙ୍କ ଅନ୍ତେ ରୋଡ଼ଙ୍ଗ ଜମିଦାରୀ ସେ ପ୍ରାପ୍ତହେଲେ । ଲୋକ ତୁଣ୍ଡରେ ବକ୍‌ସି ଜଗବନ୍ଧୁଙ୍କର ଶାରୀରିକ ସାମର୍ଥ୍ୟ ପ୍ରବଳ ଥିଲା । ସେ କୁଆଡ଼େ ଏକୁଟିଆ ଦଶଫୁଟ ଲମ୍ବ ୫ ଫୁଟ ଓସାର ପଥର ନିଜ ହାତରେ ଉଠାଇ ପାରୁଥିଲେ ।

ବକ୍‌ସି ଜଗବନ୍ଧୁ ଦେଶପାଇଁ ବଳିପଡ଼ିଲେ । ଧନ୍ୟହେଲେ । ଖୋରଧା ରାଜାଙ୍କ ପ୍ରଧାନ ସେନାପତି ବକ୍‌ସି ଜଗବନ୍ଧୁ ଫିରିଙ୍ଗି ଶାସନ ବିରୁଦ୍ଧରେ ଯେଉଁ ଗଣବିଦ୍ରୋହ ଆରମ୍ଭ କରିଥିଲେ, ସାରା ଦେଶରେ ତାହା ଥିଲା ପ୍ରଥମ ମେଳି ଓ ଭବିଷ୍ୟତ ପାଇଁ ମୁକ୍ତି ସଂଗ୍ରାମର ଥିଲା ପଥ ପ୍ରଦର୍ଶକ । ବକ୍‌ସିଙ୍କ ବ୍ୟତୀତ ଆଉ ଯେଉଁମାନେ ଏଥିରେ ଝାସ ଦେଇ ମୃତ୍ୟୁ ବରଣ କରିଥିଲେ, ସେମାନେ ହେଲେ ବୀର ପରଶୁରାମ ପଟ୍ଟନାୟକ, ସଚ୍ଚିଦାନନ୍ଦ, ଗୋପାଳ ଛୋଟରାୟ, ବଂଶୀ ପାଇକରାୟ, ରାମ ସିଂହ, ନାଥ ପ୍ରଧାନ ଓ ନରସିଂହ । ବକ୍‌ସିଙ୍କ ସହ ଯେଉଁ ଆଠଜଣ ମେଳିଆ ଧରା ଦେଇଥିଲେ, ସେମାନେ ଥିଲେ ଗୌରାଙ୍ଗ ବରିସାଲ, ଲାଲ୍ ସିଂ; ବନ୍ଧୁ ସାନ୍ତାରା, ବରିଶାଲ; କେରାଇ ମାନସିଂହ, ଗଡସିରାଇ; ହରି ସାନ୍ତରା, ବିରଜାଇ ଠାକୁରାଣୀ ସେବାୟତ; ମଧୁ କିଶୋର-ପାଇକ, ଭଗବାନ୍ ଜାନି-ପାଇକ, ରାଜୀବ ବିଶୋଇ -ପାଇକ, ଉଦ୍ଧବ ନାୟକ - ପାଇକ, ସେହିପରି ଓଡ଼ିଶାର ଏହି ଗଣ ଆନ୍ଦୋଳନ ବା ଓଡ଼ିଶାର ସ୍ୱାଧୀନତା ସଂଗ୍ରାମରେ ଯେଉଁମାନେ ବକ୍‌ସି ଜଗବନ୍ଧୁଙ୍କ ସୁସମ୍ପର୍କରେ ଥାଇ ସହଯୋଗ ବାଢ଼ି ଦେଉଥିଲେ, ସେମାନେ ହେଲେ - କୃଷ୍ଣଚନ୍ଦ୍ର ବିଦ୍ୟାଧର, ଗଡ଼ଚିତ୍ର ଜମିଦାର; ମିରହାଇଦର ଅଲ୍ଲୀ- ଯଦୁପୁର; ଜଗବନ୍ଧୁ ସାନ୍ତରା-ଯାଁଳା; ଧର୍ମୁହରିଚନ୍ଦନ - ରାମେଶ୍ୱର ଟାଙ୍ଗୀ; ଲୋକନାଥ ବଳିୟାର ସିଂହ - ଯାଁଳା; ରାମଚନଦଦ୍ର ସାମନ୍ତସିଂହାର ଜଗଦେବ - ବଡ଼ପାରି (ଟାଙ୍ଗୀ); ଧର୍ମୁ ସୁବୁଦ୍ଧି - ସିକୋ; ବିଷ୍ଣୁ ହରିଚନ୍ଦନ - କାଇପଦର; କରୁଣାକର ପରମଗୁରୁ - ରେଙ୍ଗଳ;, ଭଗବାନ୍ ସିଂହ - ଗଡ଼ଝାଡ଼ପଡ଼ା; ନନ୍ଦ ସାନ୍ତରା - ଭାଟପଡ଼ା; ହରି ମାନସିଂହ - ସାମନ୍ତସିଂହାରପୁର, ବାଣପୁର; ପୁରୁଷୋତ୍ତମ ମାନସିଂହ - ନାଳସିଂ ଓ ଅନ୍ତର୍ଯ୍ୟାମୀ ପାହାଡ଼ସିଂ -ଗଙ୍ଗପଡ଼ା । ବକ୍‌ସି ଜଗବନ୍ଧୁ ତାଙ୍କ ସଂଗ୍ରାମରେ ସକ୍ରିୟ ଅଂଶ ଗ୍ରହଣ କରିନଥିଲେ ମଧ୍ୟ ଅନ୍ତତଃ ତାଙ୍କୁ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ ଯଥାକ୍ରମେ ନୟାଗଡ଼, ଦଶପଲ୍ଲା, ଘୁମୁସର ରାଜାମାନେ ଓ ସେହି ଅଞ୍ଚଳର କନ୍ଧ ସମ୍ପ୍ରଦାୟ ଓ ଜନସାଧାରଣ । ସେହିମାନଙ୍କ ସାହଯ୍ୟ ଓ ସହାନୁଭୂତି ଯୋଗୁ ବକ୍‌ସି ୧୮୧୯ ଜୁଲାଇ ପର୍ଯ୍ୟନ୍ତ ନୟାଗଡ଼ଠାରୁ ବୌଦ୍ଧ ଏପରିକି ସମ୍ବଲପୁର ଅଞ୍ଚଳରେ ଆତ୍ମଗୋପନ କରି ଖସି ପଳାଇବାକୁ ସମର୍ଥ ହୋଇ ପାରିନଥା’ନ୍ତେ । ଉପରୋକ୍ତ ସମସ୍ତ ଆଲୋଚନାରୁ ଜଣାପଡ଼େ ଯେ ସେ କେତେବଡ଼ ପାଇକ ନେତା ଓ ଦେଶପ୍ରେମୀ ଥିଲେ ଏବଂ ତାଙ୍କର କେତେବଡ଼ ଲୋକ ବା ଜନସଂପୃକ୍ତି ଥିଲା ବିଶେଷକରି ସେ ସମୟର ଓଡ଼ିଶାରେ । ତେଣୁ ନିର୍ଦ୍ଦ୍ୱନ୍ଦ୍ୱରେ କୁହାଯାଇପାରେ ଯେ ଏ ଥିଲା ସ୍ୱାଧୀନତା ସଂଗ୍ରାମର ପ୍ରଥମ ପାହାଚ ଓ ଏହାର ନେତୃତ୍ୱ ନେଇଥିଲେ ବକ୍‌ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟ ମହାପାତ୍ର । ବକ୍‌ସି ଅମର ରୁହନ୍ତୁ ।

**ସହାୟକ ପୁସ୍ତକାବଳୀ:** ୧. ବକ୍‌ସି ଜଗବନ୍ଧୁ ବଂଶର ନୂତନ ଇତିହାସ : ଶ୍ରୀ ଦିବ୍ୟସିଂହ ଚମ୍ପତି, ୨. ପାଇକବୀର ବକ୍‌ସି ଜଗବନ୍ଧୁ : ରଘୁନାଥ ରାଉତ, ୩. ଦେଶ ଲାଗି ଯିଏ ଜୀବନ ଦେଲେ : କାର୍ତ୍ତିକ ଦାଶ, ୪. ଭାରତର ସ୍ୱାଧୀନତା ସଂଗ୍ରାମକୁ ଖୋର୍ଦ୍ଧାର ଅବଦାନ: ପ୍ରଫେସର ଧ୍ରୁବ ଚରଣ ଜୟସିଂହ ପାଇକରାୟ ଓ ପ୍ରଫେସର ପ୍ରଫୁଲ୍ଲ ପାଇକରାୟ, ୫. ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନ : ସୁରେନ୍ଦ୍ରନାଥ ପଟ୍ଟନାୟକ, ୬. ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନ : ପଣ୍ଡିତ ନୀଳକଣ୍ଠ ମିଶ୍ର, ୭. ୮୧୭ ଖୋରଧା ପାଇକ ବିଦ୍ରୋହର କେତେକ ଅଜ୍ଞାତ ଅଧ୍ୟାୟ : ରବିନ୍ଦ୍ର ପରିଡ଼ା, ୮. ପାଇକ ବିଦ୍ରୋହ : ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ, ୯. ଓଡ଼ିଶା ଇତିହାସ : ମନ୍ମଥ ନାଥ ଦାସ ।

**ବିପିନବିହାରୀ ମହାନ୍ତି, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ବିକାଶ ନଗର, କଟଣୀ, ଖୋର୍ଦ୍ଧା-୭୫୨୦୫୦, ଦୂରଭାଷ : ୯୯୩୮୩୪୪୧୩୮**
**E-mail : mohantyandmohanty2012@gmail.com**



# ଚେଲା କୁମାରଙ୍କ ନେତୃତ୍ୱରେ ତଥ୍ୟ ଅନୁଧ୍ୟାନ କମିଟିର ଢ଼ିଙ୍କିଆ ଗସ୍ତ



ଭୁବନେଶ୍ୱର (ପିଏନ୍)-ଗତ ୧୪ ତାରିଖ ଢ଼ିଙ୍କିଆ ଗ୍ରାମବାସୀଙ୍କ ଉପରେ ପୋଲିସର ବର୍ବରୋଚିତ ଆକ୍ରମଣ ଘଟଣାର ତଦ’ କରିବାପାଇଁ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିସିସି ସଭାପତି ଶ୍ରୀ ନିରନ ପଟ୍ଟନାୟକ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଥିଲେ । ଏହି ଅବସରରେ ଓଡ଼ିଶା ପ୍ରଭାରୀ ଡ. ଚେଲା କୁମାରଙ୍କ ନେତୃତ୍ୱରେ ଉକ୍ତ ତଥ୍ୟ ଅନୁସଂଧାନ କମିଟି ଢ଼ିଙ୍କିଆ ଗସ୍ତରେ ଆସିଥିଲେ । ପୋଲିସର ବର୍ବରୋଚିତ ଆକ୍ରମଣରେ ଶୀକାର ହୋଇଥିବା ଆହତଙ୍କ ଘରକୁ ଯାଇଥିଲେ, ଆହତମାନଙ୍କୁ ଭେଟିଥିଲେ ଏବଂ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ । ସେ ଗ୍ରାମବାସୀମାନେ ଅତ୍ୟନ୍ତ ଭୟଭିତ ଅବସ୍ଥାରେ କାନ୍ଦି କାନ୍ଦି ପୋଲିସ ମାଡ଼ର ଚିହ୍ନ ଆଜି ପର୍ଯ୍ୟନ୍ତ ଲିଭିନାହିଁ ତାହା ଡ. ଚେଲା କୁମାର ଏବଂ ତଥ୍ୟ ଅନୁଧ୍ୟାନ କମିଟି ସଦସ୍ୟମାନଙ୍କୁ ଦେଖାଇଥିଲେ । ଗ୍ରାମବାସୀମାନେ ପୋଲିସର ଆତଙ୍କରାଜ, ଦୌରାତ୍ମ୍ୟ ଅତ୍ୟାଚାର ମଧ୍ୟରେ ଅତିଷ୍ଠ ହୋଇପଡ଼ିଲେଣି । ଲୋକଙ୍କ ସ୍ୱାଭାବିକ ଜୀବନ, ଜୀବିକା ଓ ରୋଜଗାର ଆଦି ସବୁକିଛି ବିପନ୍ନ ହୋଇପଡ଼ିଲାଣି । ପୋଲିସର ଅତ୍ୟାଚାର ସୀମା ପାରକରିଛି । ଶହ ଶହ ଲୋକଙ୍କ ଉପରେ ମିଥ୍ୟା ମକଦ୍ଦମା କରାଯାଇ ତାଙ୍କୁ ଜେଲରେ ପୁରାଯାଇଛି । ଗୋଟେ ପରିବାରର ୫ଜଣଙ୍କୁ ଗିରଫ କରାଯାଇଛି । କୋମଳମତି ଶିଶୁ, ମହିଳା, ବୃଦ୍ଧ-ବୃଦ୍ଧାଙ୍କ କରୁଣ କ୍ରନ୍ଦନର ଦୃଶ୍ୟ ଏବଂ ଲୋମହର୍ଷଣକାରୀ ଘଟଣାବଳୀର ପ୍ରତ୍ୟକ୍ଷ ବର୍ଣ୍ଣନା ଶୁଣି ଡ. ଚେଲା କୁମାର ଅତ୍ୟ’ ଭାବବିହ୍ୱଳ ହୋଇଥିଲେ ଏବଂ ଗୋଟିଏ ଗଣତନ୍ତ୍ର ରାଷ୍ଟ୍ରରେ ପୋଲିସର ଏପରି ବର୍ବରୋଚିତ ଆକ୍ରମଣର ନିନ୍ଦା କରିଥିଲେ । ରାଜ୍ୟରେ ଚାଲିଥିବା ବିଜେଡ଼ି ସରକାର ସାଧାରଣ ଜନତାଙ୍କର ସରକାର ନୁହେଁ ବୋଲି ମତବ୍ୟକ୍ତ କରିଥିଲେ । ସେ କହିଥିଲେ ସାଧାରଣ ଗରିବ ଲୋକଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦେବାପାଇଁ କଂଗ୍ରେସ କେନ୍ଦ୍ରରେ ସରକାରରେ ଥିବା ବେଳେ ବହୁ ଆଇନ କରିଛି । ସେହି ଆଇନ ଭିତରୁ ଜଙ୍ଗଲ ଆଇନ ହେଉଛି ଅନ୍ୟତମ । ୨୦୦୬ ମସିହାରେ ଜଙ୍ଗଲ ଆଇନ ହୋଇଥିଲା । ପୁରୁଷ ପୁରୁଷ ଧରି ଜଙ୍ଗଲରେ ଚଳିଆସୁଥିବା ଗରିବ ଲୋକଙ୍କର ଜମି ଉପରେ ପୂର୍ଣ୍ଣ ଅଧିକାର ରହିଛି ଏବଂ କୌଣସି ଉପାୟରେ ଜମି କେହି ଛଡାଇ ନେଇପାରିବେ ନାହିଁ ବୋଲି ଚେଲା କୁମାର କହିଥିଲେ । କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଢ଼ିଙ୍କିଆ ଘଟଣା ସଂପର୍କରେ ଅବଗତ; ତେଣୁ ଏ ସଂପର୍କରେ ଆମେ ତାଙ୍କୁ ତଥ୍ୟ ପ୍ରଦାନ କରିବୁ ଏବଂ କଂଗ୍ରେସ ଜାତୀୟ ମାନବାଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆଇନର ସହାୟତା ନେବ ବୋଲି ପ୍ରକାଶ କରିଥିଲେ । ଫୁଲଖାଇ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀଙ୍କ ଦ୍ୱାରା ଏକ ସଭାରେ ଡ. ଚେଲା କୁମାର ଉକ୍ତ ବକ୍ତବ୍ୟ ରଖିଥିଲେ । ଉକ୍ତ ସଭାରେ କମିଟିର ଅଧ୍ୟକ୍ଷ ତଥା ବିଧାୟକ ଦଳ ନେତା ନରସିଂହ ମିଶ୍ର ଢ଼ିଙ୍କିଆ ଅଂଚଳରୁ ଅବିଳମ୍ବେ ପୋଲିସ ପ୍ରତ୍ୟାହାର କରାଯାଉ ଏବଂ ଯେଉଁ ଗ୍ରାମବାସୀମାନେ ଗିରଫ ହୋଇଛନ୍ତି ତାଙ୍କୁ ଖଲାସ କରାଯିବା ସହ ଗ୍ରାମବାସୀଙ୍କ ନାମରେ ହୋଇଥିବା ମକଦ୍ଦମା ପ୍ରତ୍ୟାହାର ପାଇଁ ଦାବି କରିଥିଲେ । ସେ କହିଥିଲେ ବର୍ଷ ବର୍ଷ ଧରି ଚଳିଆସୁଥିବା ଗରିବ ଲୋକମାନଙ୍କୁ ତାଙ୍କର ମୌଳିକ ଅଧିକାରରୁ ବଂଚିତ କରାନଯାଉ । କଂଗ୍ରେସ ଦଳ ଶିଳ୍ପପ୍ରତିଷ୍ଠାକୁ ବିରୋଧ କରେନାହିଁ, ଶିଳ୍ପ ପ୍ରତିଷ୍ଠା ହେଉ କିନ୍ତୁ ଗ୍ରାମବାସୀଙ୍କୁ ଧମକାଇ, ଡରାଇ, ବାଡ଼ାଇ, ଯୋରଜବରଦସ୍ତ ତାଙ୍କର ଜମି ଛଡ଼େଇ ନେଇ ଶିଳ୍ପ ପ୍ରତିଷ୍ଠା କରାନଯାଉ ବୋଲି କହିଥିଲେ । ସେ କହିଥିଲେ ବହୁ ଜମି ରହିଛି ଯେଉଁଠି ସରକାର କାରଖାନା ପ୍ରତିଷ୍ଠା ବା ଶିଳ୍ପ ପ୍ରତିଷ୍ଠା କରିପାରିବେ କିନ୍ତୁ ଗୋଟିଏ ଜନବହୁଳ ଅଂଚଳରେ ଯୋରଜବରଦସ୍ତ ଗରିବ ଲୋକଙ୍କ ଜମି ଛଡ଼ାଇ ତା ଉପରେ ଶିଳ୍ପ ପ୍ରତିଷ୍ଠା ନହେଉ । ସେ ମଧ୍ୟ ରାଜ୍ୟ ସରକାରଙ୍କର ଦୃଢ଼ ନିନ୍ଦା କରିଥିଲେ । ସେହିପରି କମିଟିର ଆବାହକ ତଥା ପିସିସି କାର୍ଯ୍ୟକାରୀ ସଭାପତି ଶ୍ରୀ ଚିରଂଜୀବ ବିଶ୍ୱାଳ କହିଥିଲେ କଂଗ୍ରେସ ଦଳ ଗରିବ ଲୋକଙ୍କ ସହିତ ସବୁବେଳେ ରହିଛି ଆଗକୁ ମଧ୍ୟ ରହିବ । ତେଣୁ ଢ଼ିଙ୍କିଆ ଅଂଚଳବାସୀଙ୍କୁ ତାଙ୍କ ଅଧିକାର ଦେବାପାଇଁ ଆନ୍ଦୋଳନ ଜାରି ରଖିବ । ଏହି ଅବସରରେ ପ୍ରଦେଶ କଂଗ୍ରେସ ସାମାଜିକ ଗଣମାଧ୍ୟମର ଟ୍ୱିଟରଟ୍ରେଣ୍ଡ ଚାଲିଥିଲା ଯାହାକି ସାରା ଭାରତରେ ପଂଚମ ସ୍ଥାନରେ ରହିଛି । ଏହା ବିଜେଡ଼ି ଏଗନେଷ୍ଟ ଓଡ଼ିଶା ନାମରେ ଏହି ଟ୍ୱିଟର ୱାରେ କଂଗ୍ରେସ ଢ଼ିଙ୍କିଆ ପ୍ରସଙ୍ଗକୁ ହାଇଲାଇଟ କରିଥିଲା । ଢ଼ିଙ୍କିଆ ଗସ୍ତରେ ଅନ୍ୟମାନଙ୍କ ମଧ୍ୟରେ କମିଟିର ସଦସ୍ୟ ସର୍ବଶ୍ରୀ ରାମଚନ୍ଦ୍ର ଖୁଂଟିଆ, ଗଣେଶ୍ୱର ବେହେରା, ଡ. ଲଲାଟେନ୍ଦୁ ମହାପାତ୍ର, ନଟବର ବାରିକ, ଅରିନ୍ଦମ ସର୍ଖେଲ, ଅଭିଶେକ ମହାନନ୍ଦ, ଅଂଶୁମାନ ମହାନ୍ତିଙ୍କ ସମେତ ପିସିସି ମୁଖପାତ୍ର ମନୋଜ ମହାପାତ୍ର, ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ ମହାପାତ୍ର, ପିସିସି ସଂପାଦକ ସୁବ୍ରତ ମହାପାତ୍ର, ବିପ୍ଳବ ଚୌଧୁରୀ, ସୁଭାଷ ଚନ୍ଦ୍ର ପ୍ରଧାନ, ଜଗତଜୀବନ ମହାନ୍ତି, ହରପ୍ରସାଦ ବେହେରା ପ୍ରମୁଖ ସାମିଲ ଥିଲେ ।

# ଅତନୁଙ୍କ ୭ ଜିଲ୍ଲା ପରିଷଦ ସଭ୍ୟଙ୍କୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋରଦାର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡ଼ା ନିର୍ବାଚନମଣ୍ଡଳୀର ଯୁବ ବିଧାୟକ ତଥା ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ୭ ଜଣ ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟାଙ୍କୁ ନେଇ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଜୋରଧରିଛି । ଏହି ୭ ଜଣ ଜିଲ୍ଲା ପରିଷଦ ସଭ୍ୟ ହେଉଛନ୍ତି ଜୋନ ନମ୍ବର ୧୯ର ପ୍ରାର୍ଥିନୀ ସସ୍ମିତା ସ୍ୱାଇଁ, ଜୋନ ନମ୍ବର ୨୦ର ପ୍ରାର୍ଥୀ ସୁବୋଧ କୁମାର ଲେଙ୍କା, ଜୋନ ନମ୍ବର ୨୧ର ପ୍ରାର୍ଥିନୀ ଅନୁରାଧା ସ୍ୱାଇଁ, ଜୋନ ନମ୍ବର ୨୨ର ପ୍ରାର୍ଥୀ ଅପୁ ପରିଡ଼ା, ଜୋନ ନମ୍ବର ୨୩ର ପ୍ରାର୍ଥୀ ମୃତ୍ୟୁଞ୍ଜୟ ମଣ୍ଡଳ, ଜୋନ ନମ୍ବର ୨୫ର ପ୍ରାର୍ଥିନୀ ଦୁର୍ଗାବତୀ ପ୍ରଧାନ ଓ ଜୋନ ନମ୍ବର ୨୬ର ପ୍ରାର୍ଥୀ ପ୍ରତାପ କୁମାର ମଲ୍ଲିକ ପ୍ରମୁଖ । ଏହି ପ୍ରାର୍ଥୀମାନେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିର୍ବାଚନ ମଇଦାନକୁ ଓହ୍ଲାଇଛୁ । ବିଜୁ ଜନତା ଦଳର ବିଭିନ୍ନ ଜନହିତକର କାର୍ଯ୍ୟ ଆମ ନିର୍ବାଚନ ପ୍ରଚାରର ମୁଖ୍ୟ ଅସ୍ତ୍ର ହେବ । ନିକଟରେ ‘ଇଣ୍ଡିଆ ଟୁଡେ’ ଇଂରାଜୀ ପତ୍ରିକା ଦ୍ୱାରା କରାଯାଇଥିବା ସର୍ଭେ ଅନୁଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ବିବେଚିତ ହୋଇଛନ୍ତି । ତେଣୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମେ ଜନସେବା କରିବା ପାଇଁ ଆଗେଇ ଆସିଛୁ ବୋଲି ସେମାନେ କହିଛନ୍ତି । ସେହିପରି ଏହି ପ୍ରାର୍ଥୀମାନେ କହିଛନ୍ତି ମହାକାଳପଡ଼ା ଯୁବ ବିଧାୟକ ଅତନୁ ସବ୍ୟସାଚୀ ନାୟକ ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ବିଭିନ୍ନ କ୍ଷେତ୍ରରେ ଯେଉଁ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି ତାହାକୁ ଅଧିକ କ୍ରିୟାଶୀଳ କରାଇବା ପାଇଁ ଆମେ ତାଙ୍କ କାନ୍ଧରେ କାନ୍ଧ ମିଶାଇବୁ । ପ୍ରଚାର ବେଳେ ଆମେ ଆମର ପ୍ରିୟ ନେତା ଅତନୁ ସବ୍ୟସାଚୀ ନାୟକଙ୍କ ଆଦର୍ଶକୁ ପାଥେୟ କରି ଲୋକଙ୍କ ପାଖରେ ଭୋଟ ଭିକ୍ଷା କରିବୁ ବୋଲି ସେମାନେ କହିଛନ୍ତି ।

# ଓଡ଼ିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ସ୍ୱତନ୍ତ୍ର ଜରୁରୀ ଅଧିବେଶନ ଅନୁଷ୍ଠିତ




ଭୁବନେଶ୍ୱର (ପିଏନ୍): ଓୟୁଏଟି ଇଞ୍ଜିନିୟରିଂ କଲେଜ ସଭାଗୃହରେ ଓଡ଼ିଶାର ସମସ୍ତ ବିଶ୍ୱବିଦ୍ୟାଳୟ କର୍ମଚାରୀମାନଙ୍କ ଏକ ସ୍ୱତନ୍ତ୍ର ଜରୁରୀ ସାଧାରଣ ଅଧିବେଶନ ଅନୁଷ୍ଠିତ ହେବା ସହିତ ନୂତନ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି । ରାଜ୍ୟରେ କୃଷି ବିଭାଗ ଅଧୀନରେ ଓୟୁଏଟି, ସଂସ୍କୃତି ବିଭାଗ ଅଧୀନରେ ସଂସ୍କୃତି ବିଶ୍ୱବିଦ୍ୟାଳୟ, ଦକ୍ଷତା ବିକାଶ ବିଭାଗ ଅଧିନରେ ବିପିୟୁଟି ଭଳି ଇଞ୍ଜିନିୟିରିଂ ବିଶ୍ୱବିଦ୍ୟାଳୟ ଓ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ବହୁ ବିଶ୍ୱବିଦ୍ୟାଳୟ ଆସୁଥିବାରୁ ସେସବୁ ଜାଗାରେ କାର୍ଯ୍ୟରତ କର୍ମଚାରୀମାନେ ମଧ୍ୟ ଭିନ୍ନ ଭିନ୍ନ ବିଭାଗର ନୀତିନିୟମରେ ବନ୍ଧା ହୋଇଛନ୍ତି । ଫଳରେ ସେମାନଙ୍କ ଦାବି ସମସ୍ୟା ପ୍ରତି ବିଭାଗ ଗୁଡ଼ିକ ବିଚର କରିବାରେ ଟାଳଟୁଳ ନୀତି ଆପଣାଉଥିବାରୁ ସବୁ ବିଶ୍ୱବିଦ୍ୟାଳୟର କର୍ମଚାରୀମାନେ ଏକାଠି ହୋଇ କମନ କ୍ୟାଡ଼ର ରୁଲ୍ ପ୍ରଚଳନ ପାଇଁ ବୈଠକରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ଏହି ସଭାରେ ମୁଖ୍ୟଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାସ, ବିଜୁ ଶ୍ରମିକ ସାମ୍ମୁଖ୍ୟର ସଭାପତି ସୁରେନ୍ଦ୍ର ସ୍ୱାଇଁ, ମହାସଂଘର ସଭାପତି ସାରଦା ମହାନ୍ତି, ମୁଖ୍ୟ ଉପଦେଷ୍ଟା ଚିନ୍ତାମଣି ମିଶ୍ର ପ୍ରମୁଖ ଯୋଗ ଦେଇ କର୍ମଚାରୀମାନଙ୍କ ଏକତା, ସମସ୍ୟା ଏବଂ ସରକାରଙ୍କ ନୀତି ନିଷ୍ପତ୍ତି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଦୁର୍ଗାଚରଣ ହୋତା ବାର୍ଷିକ ବିବରଣୀ ପାଠ କରିଥିଲେ । ଆଲୋଚନାରେ ମୁଖ୍ୟତଃ ସ୍ଥାନ ପାଇଥିବା କର୍ମଚାରୀମାନଙ୍କ ଦାବି ଗୁଡ଼ିକ ହେଲା-(୧) ଆଉଟସୋର୍ସିଂ ନିଯୁକ୍ତି ବନ୍ଦ କରିବା (୨) ଠିକା କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି କରିବା (୩) ସମସ୍ତ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କୁ କମନ୍ କ୍ୟାଡ଼ର ରୁଲ୍ ଅଧୀନକୁ ନେବା (୪) ଅବସର ବୟସ ୬୦ରୁ ୬୨କୁ ବୃଦ୍ଧି କରିବା (୫) ରାଜ୍ୟ ସରକାରୀ କର୍ମଚାରୀଙ୍କ ପ୍ରତି ଲାଗୁଥିବା ନୀତିନିୟମକୁ ବିଶ୍ୱବିଦ୍ୟାଳୟର କର୍ମଚାରୀମାନଙ୍କ କ୍ଷେତ୍ରରେ ଲାଗୁ କରିବା । ପରେ ପରେ ନୂତନ କର୍ମକର୍ତ୍ତା ପାଇଁ ଯେଉଁ ନିର୍ବାଚନ ହୋଇଥିଲା ତାହାର ଫଳାଫଳ ପ୍ରକାଶ ପାଇବା ପରେ ଓୟୁଏଟି ବିଶ୍ୱବିଦ୍ୟାଳୟର ରଂଜନ କୁମାର ସାମନ୍ତରାୟ ମହାସଂଘର ସଭାପତି ରୂପେ ନିର୍ବାଚିତ ହୋଇଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ମଚାରୀ ଅଜୟ କୁମାର ରଥ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକାରୀ ସଭାପତି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରବୀନ୍ଦ୍ର କୁମାର ପାଣିଗ୍ରାହୀ, ଉତ୍କଳ ବିଶ୍ୱବିଦ୍ୟାଳୟର କର୍ମଚାରୀ ମୁରଲୀଧର ପାଣିଗ୍ରାହୀ, ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରଦୀପ କୁମାର, ଭିସୁଟ୍‌ର କର୍ମଚାରୀ ସୁବୋଧ କୁମାର ପଣ୍ଡା ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସେହିଭଳି ଉତ୍କଳ ବିଶ୍ୱବିଦ୍ୟାଳୟ ଚିନ୍ତାମଣି ମିଶ୍ର ମୁଖ୍ୟ ଉପଦେଷ୍ଟା ଭାବେ ମହାସଂଘର ଦାୟିତ୍ୱ ତୁଲାଉଥିବା ବେଳେ ଓୟୁଏଟିର ବସନ୍ତ କୁମାର ବରାଳ, ଉତ୍କଳ ବିଶ୍ୱବିଦ୍ୟାଳୟର ଅଭୟ କୁମାର ବାରିକ ସମ୍ପାଦକ ଭାବେ ଦାୟିତ୍ୱ ନେଇଛନ୍ତି ।



# ମୋ ଗାଁ

## ଜାତୀୟ ଖୋ ଖୋ ତାଲିମ ଶିବିର ପାଇଁ କିସ୍ ଛାତ୍ର ଅର୍ଜୁନ

ଭୁବନେଶ୍ୱର,(ପି.ଏନ): କିସ୍‌ର +୩ ଛାତ୍ର ଅର୍ଜୁନ ସିଂହ ଅଲଟିମେଟ ଖୋ ଖୋ ଲିଗ୍ ପାଇଁ ନୂଆଦିଲ୍ଲୀର ଜବାହରଲାଲ ନେହରୁ ଷ୍ଟାଡିଅମଠାରେ ଅନୁଷ୍ଠିତ ହେଉଥିବା ଜାତୀୟ ଖୋ ଖୋ ତାଲିମ୍ ତଥା ଚୟନ ଶିବିରକୁ ମନୋନୀତ ହୋଇଛନ୍ତି। ଖୋ ଖୋ ଫେଡେରେସନ୍ ଦ୍ୱାରା ଜାନୁଆରୀ ୨୮ରୁ ଫେବୃଆରୀ ୨୬ ତାରିଖ ପର୍ଯ୍ୟନ୍ତ ଏହି ତାଲିମ୍ ତଥା ଚୟନ ଶିବିର ଅନୁଷ୍ଠିତ ହେବ। ଅର୍ଜୁନ ପୂର୍ବାଞ୍ଚଳ ଆନ୍ତଃବିଶ୍ୱବିଦ୍ୟାଳୟ ଖୋ ଖୋ (ପୁରୁଷ) ଟୁର୍ଣ୍ଣାମେଣ୍ଟ ୨୦୨୨ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ବରିଷ୍ଠ ରାଜ୍ୟ ଖୋ ଖୋ ଚାମ୍ପିଅନସିପ୍ ୨୦୨୧ ଦ୍ୱିତୀୟସ୍ଥାନ ଅଧିକାର କରିଥିଲେ। ସେ ୨୨ତମ ପୂର୍ବାଞ୍ଚଳ ବରିଷ୍ଠ ଜାତୀୟ ଖୋ ଖୋ



ଚାମ୍ପିଅନ୍‌ସିପ୍ ୨୦୧୯ରେ ଚାମ୍ପିଅନ୍ ହୋଇଥିବା ବେଳେ ବରିଷ୍ଠ ରାଜ୍ୟ ଖୋ ଖୋ ଚାମ୍ପିଅନ୍‌ସିପ୍ ୨୦୧୯ରେ ଦ୍ୱିତୀୟ ସ୍ଥାନ ଓ ୧୯ବର୍ଷରୁ କମ୍ ସିଏଚଏସ୍‌ଇ ରାଜ୍ୟ ଖୋ ଖୋ ଚାମ୍ପିଅନ୍‌ସିପ୍ ୨୦୧୯-୨୦ରେ ମଧ୍ୟ ଚାମ୍ପିଅନ୍ ହୋଇଥିଲେ। ଏହା ଛଡ଼ା ସେ ୫୪ତମ ବରିଷ୍ଠ ଜାତୀୟ ଖୋ ଖୋ ଚାମ୍ପିଅନ୍‌ସିପ୍ ୨୦୨୧-୨୨, ୬୫ତମ ଜାତୀୟ ବିଦ୍ୟାଳୟ କ୍ରୀଡ଼ା ଖୋ ଖୋ ଚାମ୍ପିଅନ୍‌ସିପ୍ ୨୦୧୯-୨୦, ୫୩ତମ ବରିଷ୍ଠ ଜାତୀୟ ଖୋ ଖୋ ଚାମ୍ପିଅନ୍‌ସିପ୍ ୨୦୧୯-୨୦, ୩୯ତମ କନିଷ୍ଠ ଜାତୀୟ ଖୋ ଖୋ ଚାମ୍ପିଅନ୍‌ସିପ୍ ୨୦୧୯-୨୦ରେ ଅଂଶ ଗ୍ରହଣ କରିଥିଲେ। ଅଲଟିମେଟ୍‌ର ପ୍ରଥମ ସଂସ୍କରଣରେ ଦେଶର ୮ଟି ପ୍ରମୁଖ ଟିମ୍ ଅଂଶଗ୍ରହଣ କରିବେ। ଏହି ସବୁ ଖୋ ଖୋ ଟିମ୍‌ରେ ଇଂଲଣ୍ଡ, ଦକ୍ଷିଣ କୋରିଆ, ଇରାନ, ବାଂଲାଦେଶ, ନେପାଳ ଓ ଶ୍ରୀଲଙ୍କାର ଖେଳାଳିମାନେ ମଧ୍ୟ ଅଂଶଗ୍ରହଣ କରିବେ। ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅର୍ଜୁନଙ୍କୁ ଶୁଭେଚ୍ଛା ଜଣାଇବା ସହ ତାଙ୍କର ସଫଳତା କାମନା କରିଛନ୍ତି।

## ସୟ ସାହୁ ପାଇଲେ ବିଶ୍ୱଶାନ୍ତି ସାମ୍ବାଦିକ ସମ୍ମାନ

ଢେଙ୍କିକୋଟ,(ପି.ଏନ):କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଢେଙ୍କିକୋଟର ସାମ୍ବାଦିକ ସଂଜୟ ସାହୁଙ୍କୁ ମିଳିଛି ବିଶ୍ୱଶାନ୍ତି ସେବା ସାମ୍ବାଦିକ ସମ୍ମାନ । ଗତକାଲି ପୁରୀ ଜିଲ୍ଲା କୋଣାର୍କ ନିକଟବର୍ତ୍ତି ବରପଦା ଠାରେ ୧୫ତମ ବିଶ୍ୱଶାନ୍ତି ସେବାଶ୍ରମର ବାର୍ଷିକ ସାହିତ୍ୟ ଯାତ୍ରାର ରାଜ୍ୟସ୍ତରୀୟ ସାରସ୍ୱତ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ କବୀ, ସାହିତ୍ୟିକ,ଲେଖକ,ସାମ୍ବାଦିକ, ଶିକ୍ଷାବିତ୍,ସମାଜସେବୀ ପରି ବିଭିନ୍ନ ପ୍ରତିଭାର ବ୍ୟକ୍ତି ଯୋଗ ଦେଇଥିଲେ। ସେଥିମଧ୍ୟରୁ କିଛି ବ୍ୟକ୍ତିଙ୍କୁ ସେମାନଙ୍କ ସମାଜ ପ୍ରତି ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ସଂଜୟ କୁମାର ସାହୁଙ୍କୁ ୨୦୨୨ ମସିହା ପାଇଁ ବିଶ୍ୱଶାନ୍ତି ସେବା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରବଚକ ରମାକାନ୍ତ ମାହାଳି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ରାଜ୍ୟର ପ୍ରସିଦ୍ଧ ବ୍ୟଙ୍ଗ କବି ସମ୍ପଦ କୁମାର ରଥ, ସମ୍ମାନୀତ ଅତିଥି ଭାବେ ସତ୍ୟପ୍ରକାଶ କର, ରତିକାନ୍ତ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଗାୟକ ବ୍ୟାସ ଲକ୍ଷ୍ମୀଧର ଦାସ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ପ୍ରବୀଣ କୁମାର ସୁବୁଦ୍ଧି ସଂଯୋଜନା କରିଥିଲେ ଏବଂ ପରିଚାଳନା କରିଥିଲେ ମଙ୍ଗରାଜ ବିଶ୍ୱାଳ । ସାମ୍ବାଦିକ ସଂଜୟ ସାହୁଙ୍କ ଏହିପରି ସଫଳତା ପାଇଁ ସବୁ ବର୍ଗର ସାମ୍ବାଦିକ ମହଲରୁ ଶୁଭେଚ୍ଛା ଜଣାଇଛନ୍ତି ।

## ରେମୁଣାର ୧୨ଟି ୱାର୍ଡ଼ରେ ହୋଇ ନାହିଁ ନାମାଙ୍କନ

ବାଲେଶ୍ୱର,(ପି.ଏନ): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଚଳିତ ମାସ ୧୭ ରୁ ୨୧ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ପ୍ରକ୍ରିୟା ଚାଲିଥିଲା। ପରେ ନାମାଙ୍କନ ଗୁଡ଼ିକ ଯାଞ୍ଚ କରାଯାଇ ତାଲିକା ପ୍ରକାଶ ପାଇଛି। ୨୫ ତାରିଖ ଦିନ ୩ ଟା ପର୍ଯ୍ୟନ୍ତ ପ୍ରାର୍ଥୀ ପତ୍ର ପ୍ରତ୍ୟାହାରର ଶେଷ ସମୟ ରହିଛି। ରେମୁଣା ବ୍ଲକର ମୋଟ ୪୧୧ ଟି ୱାର୍ଡ଼ ପାଇଁ ୯୫୬ ଟି ନାମାଙ୍କନ ପତ୍ର ଦାଖଲ କରାଯାଇଥିଲା। ସେଥିରୁ ୯୨୭ ଟି କାଏମ୍ ରହିଛି। ୩୨ ଟି ସରପଞ୍ଚ ପଦ ପାଇଁ ୧୬୮ ଜଣ ନାମାଙ୍କନ ଦାଖଲ କରିଥିଲେ। ସେଥି ମଧ୍ୟରୁ ୧୩୩ ଟି କାଏମ୍ ରହିଛି। ସମିତି ସଭ୍ୟ ପଦବି ପାଇଁ ୧୨୯ ଟି ନାମାଙ୍କନ ଦାଖଲ ହୋଇଥିବା ବେଳେ ସେଥିରୁ ୧୦୬ ଟି କଏମ୍ ରହିଛି। ମାତ୍ର ସମଗ୍ର ବ୍ଲକର ବିଭିନ୍ନ ପଞ୍ଚାୟତର ୧୨ ଟି ୱାର୍ଡ଼ରେ ଆଦୌଂ କେହି ପ୍ରାର୍ଥୀ ପତ୍ର ଦାଖଲ କରି ନାହାନ୍ତି। ସେଥି ମଧ୍ୟରୁ ଭିମ୍‌ପୁରା ପଞ୍ଚାୟତର ୪ ନମ୍ବର ୱାର୍ଡ଼, ଦପଡ଼ା ପଞ୍ଚାୟତର ୬ ନମ୍ବ ୱାର୍ଡ଼, ଚଷାଖଣ୍ଡ ପଞ୍ଚାୟତର ୧୧ ଓ ୧୭ ନମ୍ର ୱାର୍ଡ଼, ଗଣ୍ଡର୍ଦ୍ଦା ପଞ୍ଚାୟତର ୨, ୭ ଓ ୧୨, ବିରୁଆଁ ପଞ୍ଚାୟତର ୧ ନମ୍ବର ୱାର୍ଡ଼, ଇଞ୍ଚୁଡ଼ି ପଞ୍ଚାୟତର ୧ ନମ୍ବର ୱାର୍ଡ଼, ଶ୍ରୀଜଙ୍ଗ ପଞ୍ଚାୟତର ୩ ଓ ୫ ଏବଂ ସୁତେଇ ପଞ୍ଚାୟତର ୯ ନମ୍ବର ୱାର୍ଡ଼ ପାଇଁ କେହି ନାମାଙ୍କନ ଦାଖଲ କରି ନାହାନ୍ତି।

## ସ୍ୱାଧିନତା ର ୭୫ ବର୍ଷପରେ ବି ଅବହେଳିତ ରହିଛି ବିଶିକାଦେଇପୁର ଗାଁ : ରାସ୍ତା ନିର୍ମାଣ ନହେଲେ ଭୋଟ ବର୍ଜନ ନିଷ୍ପତ୍ତି

ବାଲେଶ୍ୱର,(ପି.ଏନ): ଦେଶ ସ୍ୱାଧିନତା ଲାଭ କରିବାର ଇତି ମଧ୍ୟରେ ୭୫ ବର୍ଷ ବିତି ଗଲାଣି। ହେଲେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ସାଉଡ଼ି ଗ୍ରାମ ପଞ୍ଚାୟତ ଅଧୀନସ୍ତ ବିଶିକାଦେଇପୁର ଆଜି ପର୍ଯ୍ୟନ୍ତ ବିକାଶର ଆଲୋକ ଦେଖି ପାରିନାହିଁ। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ଅର୍ଥମଞ୍ଜୁର କରୁଥିଲେ ମଧ୍ୟ ପକ୍କା ରାସ୍ତାଟିଏ ଅଦ୍ୟାବିଧି ନିର୍ମାଣ ହୋଇ ପାରିନାହିଁ। ଗାଁ ରେ ୨୦୦ ଲୋକ ବସବାସ କରନ୍ତି ଓ ଅଧିକାଂଶ ଲୋକ ମୂଲ ଲାଗି ପେଟ ପୋଷନ୍ତି। ମୁଖ୍ୟ ରାସ୍ତା ଠାରୁ ଗାଁକୁ ଯିବା ଲାଗି ୨ କିମି ବିଲ ହିଡ଼ ରହିଛି। ବର୍ଷା ଋତୁରେ ପାଣି କାଦୁଅରେ ଲୋକେ ବାଧ ହୋଇ ଯା ଆସ କରନ୍ତି। ମହାରଣା ନଦୀରେ ବନ୍ୟାଜଳ ଆସିଲେ ବିଶିକାଦେଇପୁର ଛକ ଗାଁର ଦୁଃଖ ବଢ଼ିଯାଏ। ବର୍ଷା ଦିନେ ଛାତ୍ର ଛାତ୍ରୀ ସ୍କୁଲ କଲେଜ ଯାଇ ପାରନ୍ତି ନାହିଁ । ଗାଁର ଲୋକେ ବିଭିନ୍ନ ସରକାରୀ ଯୋଜନାରେ ଘର ନିର୍ମାଣ ଲାଗି କାର୍ଯ୍ୟାଦେଇ ପାଉଥିଲେ ମଧ୍ୟ ଗୃହ ନିର୍ମାଣ ସାମଗ୍ରୀ ପରିବହନ ପାଇଁ ରାସ୍ତା ନ ଥିବାରୁ ହଇରାଣ ଓ ହରକତ ଖର୍ଚ୍ଚାନ୍ତ ହେଉଛନ୍ତି। ସ୍ଥାନୀୟ ସରପଞ୍ଚ ଓ ଲୋକ ପ୍ରତିନିଧି ଚାହିଁଲେ ସମସ୍ୟା ର ସମାଧାନ ହୋଇପାରନ୍ତା। ହେଲେ ଜନ ପ୍ରତିନିଧି ମାନଙ୍କ ଇଚ୍ଛା ଶକ୍ତିର ଅଭାବ ଯୋଗୁଁ ରାସ୍ତାଟିଏ ନିର୍ମାଣ ହୋଇପାରିନାହିଁ। ପ୍ରଶାସନ ମଧ୍ୟ ଏ ଦିଗରେ ଦୃଷ୍ଟି ଦେଇ ନାହିଁ। ଗ୍ରାମବାସୀ ମାନଙ୍କୁ ପଞ୍ଚାୟତ ନିର୍ବାଚନ ପୂର୍ବରୁ ରାସ୍ତା ବ୍ୟବସ୍ଥା ନ କଲେ ସ୍ଥାନୀୟ ମତ ଦାତା ଅଗାମୀ ପଞ୍ଚାୟତ ନିର୍ବାଚନରୁ ବର୍ଜନ କରିବେ। ଏ ନେଇ ଗ୍ରାମବାସୀ ସୋମବାର ଜିଲ୍ଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି।

## ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ବସ୍ତ୍ର ବଣ୍ଟନ

ହୀରାପୁର,(ପି.ଏନ):ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ଉମାଦେଇ ବ୍ରହ୍ମ ପୁର ଗ୍ରାମ ପଞ୍ଚାୟତର ଅଗ୍ରଣୀ ପରିବେଶ ଭିତ୍ତିକ ସାମାଜିକ ଅନୁଷ୍ଠାନ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ହୀରାପୁର ଖେଳ ପଡିଆ ନିକଟରେ ଥିବା ଇଟାଭାଟିରେ ବସ୍ତ୍ର ସହିତ ପିଲାମାନଙ୍କୁ ବିସ୍କୁଟ ବଣ୍ଟନ କର୍ଯ୍ୟକ୍ରମ ସୋମବାର ଅପରାହ୍ଣରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟ କ୍ରମରେ ମୁଖ୍ୟ ଅଥିତି ଭାବେ



ସୁଦର୍ଶନ ଦାସ ଯୋଗ ଦେଇ ଥିବା ବେଳେ ସମ୍ମା ନିତ ଅତିଥି ଭାବେ ଅନୁଷ୍ଠାନର ଉପେଦେଷ୍ଟା ନାରାୟଣ ବେହେରା, ଟ୍ରଷ୍ଟି ଦିନବନ୍ଧୁ ଭୋଇ ଓ ଟ୍ରଷ୍ଟି ସୁବାସ ଦାସ ଅଂଶ ଗ୍ରହଣ କରି ବସ୍ତ୍ର ଓ ବିସ୍କୁଟ ବଣ୍ଟନ କରିଥିଲେ ।

## ଗରିବ ସେବା ସଦନର ବଦାନ୍ୟତା

ଘଷିପୁରା,(ପି.ଏନ):ଘଷିପୁରା ବ୍ଲକ କୋଳିମାଟି ପଂଚାୟତର ଟିକିରା ଗ୍ରାମରେ ମୃତ୍ୟୁବରଣ କରିଥିବା ମା' ଓ ସାତଦିନର ନବଜାତ ଶିଶୁକନ୍ୟାର ଶବ ସତ୍କାର ଦିନରେ ଗରିବ ସେବା ସଦନର ଯୁବବନ୍ଧୁ ଉପସ୍ଥିତ ରହି ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ଶୁଦ୍ଧିକ୍ରିୟା ପାଇଁ ଆବଶ୍ୟକ ସହଯୋଗ ଦେବାପାଇଁ ପ୍ରତିଶ୍ରୁତି ଦେଇଥିଲେ। ସଂଗଠନର ସଭାପତି ସମାଜସେବୀ ଡଃ. ଶମ୍ଭୁନାଥ ରାଉତଙ୍କ ନେତୃତ୍ୱରେ ଚାଉଳ, ଡାଲି, ଆଳୁ, ତେଲ, ଚୁଡା, ଚିନି ପ୍ରଭୃତି ସମସ୍ତ ରାସନ ସାମଗ୍ରୀ ସହ ପରିବାର ପାଇଁ ଲୁଗାପଟା ଇତ୍ୟାଦି ପ୍ରଦାନ କରିଥିଲେ । ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ପରିବାରକୁ କୋଡିଏ ହଜାର ଟଙ୍କାର ସହାୟତା ଯୋଗାଇ ଦେବାକୁ ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସେବା ସଦନର ସଦସ୍ୟ ମିଥୁନ ଦାସ, ପ୍ରଦୀପ ସାହୁ, ଝାଡେଶ୍ୱର ସାହୁ, ମାନସ ଆଚାର୍ଯ୍ୟ, କରୁଣା ଜେନା, ରାମ ମହାନ୍ତ, ଚିତ୍ତ ପାଲ, ମଙ୍ଗୁଳି ସାହୁ, ପ୍ରଦ୍ୟୁମ୍ନ ବେହେରା, ସ୍ୱାଧୀନ ସାହୁଙ୍କ ସମେତ ଗ୍ରାମର ସିଦ୍ଧେଶ୍ୱର ମୁର୍ମୁ ଏବଂ ଗ୍ରାମ ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଅଧ୍ୟାପକଙ୍କୁ ମାଡ ଘଟଣାରେ ମାମଲା ରୁଜୁ

କେନ୍ଦୁଝର,(ପି.ଏନ): ଘଟଗାଁ ବ୍ଲକ ଢେଙ୍କିକୋଟସ୍ଥିତ ସତ୍ୟନାରାୟଣ ଆଂଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଜଗବନ୍ଧୁ ମିଶ୍ର ଙ୍କୁ ସେହି ଶିକ୍ଷାନୁଷ୍ଠାନର ଖେଳ ଶିକ୍ଷକ ଯଶୋବନ୍ତ ପତି ମାଡ ମାରିବା ସହ ଅଧ୍ୟକ୍ଷ ମୀନକେତନ ଗିରି ଖରାପଭାଷାରେ ଗାଳିଗୁଲଜ କରିଥିବାନେଇ ଘଟଗାଁ ଥାନାରେ ଅଭିଯୋଗ ହୋଇଛି। ଏତଲା ଆଧାରରେ ମାମଲା ରୁଜୁ ହୋଇଥିବା ଘଟଗାଁ ଥାନା ଅଧିକାରିଣୀ ପ୍ରତିଭା ସାହୁ ସୂଚନା ଦେଇଛନ୍ତି। କେସ ନଂ ୧୫ ଦଫା ୩୪୧,୨୯୪, ୩୨୩, ୫୦୬,୩୪ (ଆଇପିସି) ରେ ମାମଲା ରୁଜୁ ହୋଇଛି। ଗତ ୧୮ ତାରିଖ ଦିନ ପ୍ରାୟ ୧୨ ଟା ସମୟରେ ବିନା ବୈଠକରେ ଏକ ରିଜୋଲ୍ୟୁସନରେ ଦସ୍ତଖତ କରିବାକୁ ଅଧ୍ୟକ୍ଷ ବାଧ୍ୟ କରିଥିଲେ। ତେବେ ବୈଠକ ନ ବସି ରିଜୋଲ୍ୟୁସନରେ ଦସ୍ତଖତ କରିବେ ନାହିଁ ବୋଲି ଇଂରାଜୀ ବିଭାଗ ଅଧ୍ୟାପକ ଜଗବନ୍ଧୁ ମିଶ୍ର କହିଥିଲେ। ଏହାକୁ ନେଇ କଲେଜ ପରିସରରେ ଖେଳ ଶିକ୍ଷକ ଯଶୋବନ୍ତ ପତି ହଠାତ୍ ଉତକ୍ଷିପ୍ତ ହୋଇ ଅନ୍ୟ କର୍ମଚାରୀଙ୍କ ସମ୍ମୁଖରେ ତାଙ୍କୁ ବାରମ୍ବାର ଚାପୁଡା ମାରିଥିଲେ। ଏପରିକି ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଏତଲାରେ ଲେଖିଛନ୍ତି। ଘଟଗାଁ ଥାନାରେ ଲିଖିତ ଅଭିଯୋଗ ପରେ ମଧ୍ୟ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ତଦନ୍ତରେ ସିସିଟିଭି କ୍ୟାମେରା ଯାଂଚ କରିବ। ସୂଚନା ଯୋଗ୍ୟ ଯେ ,ଦୀର୍ଘ ବର୍ଷ ଧରି ସତ୍ୟନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିନା ବଜେଟ ଅନୁମୋଦରେ ଖର୍ଚ୍ଚ କରାଯାଉଥିବା ଅଭିଯୋଗ ହୋଇଛି। କର୍ମଚାରୀମାନଙ୍କ ଇଫିଏଫ ଅଂଶଧନ ଗତ କିଛି ମାସ ହେବ ଜମା ହୋଇନାହିଁ। ବାର୍ଷିକ ଆୟବ୍ୟୟ କୌଣସି କର୍ମଚାରୀଙ୍କୁ ନଜଣାଇ ମନଇଚ୍ଛା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଶିକ୍ଷାନୁଷ୍ଠାନର କୌଣସି ଉନ୍ନତିମୂଳକ କାର୍ଯ୍ୟ କରାଯାଉନଥିବା ଅଭିଯୋଗ ହୋଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟ ସମ୍ପାଦନ ନିମନ୍ତେ କର୍ମଚାରୀଙ୍କ ମଧ୍ୟରେ କାର୍ଯ୍ୟ ବଣ୍ଟନ କରାନଯାଇ ଅଧ୍ୟକ୍ଷ ନିଜ ଇଚ୍ଛା ଅନୁସାରେ କାର୍ଯ୍ୟ କରୁଛନ୍ତି, ଯାହାକି କର୍ମଚାରୀ ମହଲରେ ଅସନ୍ତୋଷର କାରଣ ହୋଇଛି। ଷ୍ଟାଫ କାଉନସିଲ ମିଟିଂ କରାନଯାଇ କର୍ମଚାରୀମାନଙ୍କ ଅଧିବେଶନ ଖାତାରେ ଦସ୍ତଖତ କରିବା ପାଇଁ ବାଧ୍ୟ କରାଯାଉଛି। ଗତ ୫ବର୍ଷ ମଧ୍ୟରେ ହୋଇଥିବା ଆୟବ୍ୟୟର ସ୍ୱତନ୍ତ୍ର ଅଡିଟ ପାଇଁ ଗଣଶିକ୍ଷା ବିଭାଗ ପଦକ୍ଷେପ ନେବାକୁ ଦାବୀ ହୋଇଛି।

## ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ।

**ଘୋଷଣା**

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୨୩ ଓ ୨୪ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

-ପ୍ରକାଶକ

## ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗଡିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ୍ୟ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ



ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ୍ୟ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମ୍‌ବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada



# ମୋ ଓଡ଼ିଶା

## ଆଜାଦ୍ ହିନ୍ଦ୍ ଫୌଜ ଓ କଟକରେ ନେତାଜୀଙ୍କ ସ୍ମୃତିଚିହ୍ନ



**୧୯୪୩ ଅକ୍ଟୋବର ୨୧-ଆଜାଦ୍ ହିନ୍ଦ୍ ସରକାର ଘୋଷଣା:** ୨୧ ଅକ୍ଟୋବର ୧୯୪୩ ମସିହାରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଆଜାଦ୍ ହିନ୍ଦ ଫୌଜ ଗଠନ କରାଯାଇଥିଲା। ଭାରତକୁ ସ୍ୱାଧୀନ କରିବା ଲାଗି ବିଶ୍ୱରା ଶୀର୍ଷ ଶକ୍ତିମାନଙ୍କ ସହାୟତାରେ ଭାରତୀୟ ରାଷ୍ଟ୍ରବାଦୀମାନଙ୍କ ଦ୍ୱାରା ଏହା ଗଠନ କରାଯାଇଥିଲା, ଯାହାଦ୍ୱାରା ନେତୃତ୍ୱ ନେଇଥିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ। ଜାପାନରୁ ନେତାଜୀ ସିଙ୍ଗାପୋର ଆସି ସେଠାରେ ଆଜାଦ ହିନ୍ଦ ନାମରେ ଏକ ଅସ୍ଥାୟୀ ସରକାରର ମୂଳଦୁଆ ପ୍ରତିଷ୍ଠା କରିଥିଲେ। ନେତାଜୀ ଏହି ଆଜାଦ ହିନ୍ଦ ଫୌଜର ସର୍ବୋଚ୍ଚ ସେନାପତି ହୋଇଥିବାବେଳେ କୋରିଆ, ଚୀନ, ଜର୍ମାନୀ, ଜାପାନ, ଇଟାଲୀ, ଆୟର୍ଲାଣ୍ଡ ସହିତ ନଅଟି ଦେଶ ଆଜାଦ ହିନ୍ଦ ଫୌଜକୁ ସମର୍ଥନ କରୁଥିଲେ। ଜାପାନ ସରକାରଙ୍କ ଆର୍ଥିକ, ସୈନିକ ଓ ନୈତିକ ସହାୟତାରେ ଏହି ସରକାର ତିଷ୍ଠି ରହିଲା। ୧୯୪୪ରେ ଆଜାଦ ହିନ୍ଦ ଫୌଜ ଇଂରେଜମାନଙ୍କ ବିରୁଦ୍ଧରେ ଭୟଙ୍କର ଯୁଦ୍ଧ ଲଢ଼ିଥିଲେ ଓ କୋହିମା, ପଲେଲ ଆଦି କେତେକ ଭାରତୀୟ ପ୍ରଦେଶକୁ ଇଂରେଜମାନଙ୍କ ଠାରୁ ମୁକ୍ତ କରିଥିଲେ। ନେତାଜୀ ଆଜାଦ ହିନ୍ଦ ଫୌଜକୁ ବେଶ ଶକ୍ତିଶାଳୀ ବନାଇଥିଲେ ଓ ଆଧୁନିକ ରୂପରେ ଫୌଜକୁ ନିର୍ମାଣ କରିବା ପାଇଁ ଧନଜନ ଓ ଉପକରଣ ଏକତ୍ରିତ କରୁଥିଲେ। ଏହି ଫୌଜରେ ପ୍ରାୟ ୮୫୦୦ ସୈନିକ ସାମିଲ ହୋଇଥିଲେ। ଆଜାଦ ହିନ୍ଦର ନିଜସ୍ୱ ପତାକା, ନିଜସ୍ୱ ବ୍ୟାଙ୍କ, ନିଜସ୍ୱ ମୁଦ୍ରା, ନିଜସ୍ୱ ଡାକ ଟିକେଟ, ନିଜସ୍ୱ ଗୁପ୍ତଚର ସେବା ସବୁ କିଛି ଥିଲା। ସବୁଠାରୁ ବଡ଼କଥା ଥିଲା ଆଜାଦ ହିନ୍ଦ ଫୌଜରେ ଥିବା ମହିଳା ରେଜିମେଣ୍ଟ ଯାହାକୁ ରାଣୀ ଝାନ୍ସୀ ରେଜିମେଣ୍ଟ କୁହାଯାଉଥିଲା। ଏହାର ଦାୟିତ୍ୱ କ୍ୟାପଟେନ୍ ଲକ୍ଷ୍ମୀ ସ୍ୱାମୀନାଥନଙ୍କ ଉପରେ ନ୍ୟସ୍ତ କରାଯାଇଥିଲା। କମ୍ ସମ୍ବଳରେ ବିଦେଶ ମାଟିରେ ଭାରତୀୟଙ୍କୁ ଏକତ୍ରୀତ କରି ନେତାଜୀ ଯେଉଁ ଆଜାଦ ହିନ୍ଦ ଫୌଜର ପରିଚାଳନା କରିଥିଲେ ତାହା ତା'ର ଶେଷ ଲକ୍ଷ୍ୟ ହାସଲ କରିପାରି ନଥିଲେ ମଧ ବ୍ରିଟିଶ ଶାସନର ମୂଳଦୁଆକୁ ଦୋହଲାଇ ଦେଇଥିଲା।

୧୯୪୪ ମସିହା ଏପ୍ରିଲ ୧୪ ତାରିଖ। ସ୍ୱାଧୀନ ଭାରତର ପ୍ରଥମ ପତାକା ମଣିପୁରର ରାଜଧାନୀ ଇମ୍ଫାଲ ନିକଟରେ ଉଡିଥିଲା। ଆଜାଦ୍ ହିନ୍ଦ୍ ଫୌଜ୍ ବା ଇଣ୍ଡିଆନ ନ୍ୟାସନାଲ ଆର୍ମିର ତତ୍କାଳୀନ କର୍ଣ୍ଣେଲ ସୌକତ ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ। ଏହି ହାତ ତିଆରି ପତାକାଟି ଏବେ ମଣିପୁର ଉଖ୍ରୁଲ ଅଞ୍ଚଳରେ ରହୁଥିବା ଆଇଏନ୍ଏର ଜଣେ ପୂର୍ବତନ ସୈନ୍ୟଙ୍କ ପାଖରେ ରହିଛି। ଏକ ଲୁହା ଟ୍ରଙ୍କରେ କାଗଜରେ ଗୁଡ଼ାଇ ଏହି ବିରଳ ସ୍ମୃତି ସଂରକ୍ଷିତ କରି ରଖାଯାଇଛି। ଯେହେତୁ ଆଇଏନଏ ତରଫରୁ ଏହି ପତାକା ଉତ୍ତୋଳନ କରାଯାଇଥିଲା ତେଣୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଏହା ଏକ ସ୍ମୃତି ଚିହ୍ନ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ତେଣୁ ଏହି ମୂଲ୍ୟବାନ ସ୍ମୃତିକୁ କଟକ ଓଡ଼ିଆ ବଜାର ସ୍ଥିତ ନେତାଜୀ ସଂଗ୍ରହାଳୟକୁ ଆଣିବାକୁ ଦାବି ହୋଇଛି।

୧୯୪୪ ମସିହା ମାର୍ଚ୍ଚ ୮ ତାରିଖରେ ଆଜାଦ୍ ହିନ୍ଦ୍ ଫୌଜର ଏକ ସ୍ୱତନ୍ତ୍ର ଦଳ ଜାପାନ ସୈନ୍ୟଙ୍କ ସହ ମିଶି ମଣିପୁରରେ ପ୍ରବେଶ କରିଥିଲେ। ମାର୍ଚ୍ଚ ୨୯ରେ ଜାପାନ ସୈନ୍ୟମାନେ ଇମ୍ଫାଲର ଉତ୍ତରରେ ଥିବା ରାସ୍ତାକୁ ଦଖଲ କରି କୋହିମା ଏବଂ ଭାରତର ରାସ୍ତାକୁ ଦଖଲ କରି କୋହିମା ଏବଂ ଭାରତର ଅବଶିଷ୍ଟ ଅଂଶରୁ ଇମ୍ଫାଲ ଉପତ୍ୟକାକୁ ଅଲଗା କରି ଦେଇଥିଲେ। ଦୁଇଦିନ ପରେ ସୈନ୍ୟ ବାହିନୀ ନାପାନ୍ ପାହାଡ଼କୁ କାବୁ କରି ସେନମ୍ ସାଡ଼ଲରେ ପାଦ ରଖିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସୌକତ ଅଲ୍ଲୀଙ୍କ ନେତୃତ୍ୱରେ ଆଜାଦ୍ ହିନ୍ଦ୍ ଫୌଜ୍ର ସୈନ୍ୟମାନେ ମୋଇରଙ୍ଗରେ ପ୍ରବେଶ କରିଥିଲେ। ରେଡ଼ିଓ ମାଧ୍ୟମରେ ଆଇଏନ୍ଏ କର୍ଣ୍ଣେଲ ଶ୍ରୀ ମଲ୍ଲିକ ନେତାଜୀ ସୁଭାଷ ବୋଷଙ୍କୁ ସୂଚନା



ଦେଇଥିଲେ। ସେଠାରେ ଆଇଏନ୍ଏର ପତାକା ଉତ୍ତୋଳନ କରିବାକୁ ନେତାଜୀଙ୍କ ତରଫରୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ସେ ସମୟରେ ସୈନ୍ୟବାହିନୀ ପାଖରେ କୌଣସି ପତାକା ନଥିଲା। କର୍ଣ୍ଣେଲ ମଲ୍ଲିକ ତୁରନ୍ତ ଏକ ପତାକା ତିଆରି କରିବାକୁ ସହଯୋଗୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୈନ୍ୟବାହିନୀର ସଦସ୍ୟମାନେ ମିଶି ହାତରେ ଏକ ପତାକା ତିଆରି କରିଥିଲେ।

ଏହି ପତାକା ଉତ୍ତୋଳନ ପରେ ସେଠାରେ ଛିଡ଼ା ହୋଇ ଉଭୟ ଜାପାନ ଓ ଆଇଏନ୍ଏର ସୈନ୍ୟମାନେ ଫଟୋ ଉଠାଇଥିଲେ। କିନ୍ତୁ ସେ ସମୟର ଗୋଟିଏ ବି ଫଟୋ ଏବେ ନାହିଁ। ପରେ ସନ୍ଧ୍ୟା ହେବାରୁ ପତାକା ତଳକୁ ଖସାଇ ଏହାକୁ ଜଣେ ସ୍କୁଲ ଶିକ୍ଷକଙ୍କୁ ହସ୍ତାନ୍ତର କରାଯାଇଥିଲା। ପ୍ରତ୍ୟେକ ଦିନ ସେଠାରେ ପତାକା ଉଡାଇବାକୁ ତାଙ୍କୁ କୁହାଯାଇଥିଲା। ପରେ ଏହି ପତାକାଟି ସ୍ଥାନୀୟ ଜଣେ ଗ୍ରାମ ମୁଖିଆଙ୍କ କବ୍ଜାକୁ ଆସିଥିଲା। ଦୀର୍ଘବର୍ଷ ପରେ ୧୯୮୫ ମସିହାରେ ଏକ ଖବରକାଗଜରେ ପତାକା ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ଏହା ଆଇଏନ୍ଏର ପୂର୍ବତନ ସୈନ୍ୟ ୱାଇ.ଏ.ଶିଶକ ପତାକାକୁ ଉଦ୍ଧାର କରିଥିଲେ। ସ୍ୱାଧୀନ ଭାରତର ଏହି ପ୍ରଥମ ପତାକା ଏବେ ମଣିପୁରର ଉଖ୍ରୁଲରେ ରହିଛି। ନେତାଜୀ ସୁଭାଷ ବୋଷଙ୍କ ସ୍ମୃତିସନ୍ତକ ଭାବେ ଏହି ପତାକାକୁ ସଂଗ୍ରହାଳୟକୁ ଆଣିବାକୁ ଦାବି କରିଛନ୍ତି ବିଶିଷ୍ଟ ଐତିହାସିକ, ଗବେଷକ ଓ ସ୍ତମ୍ଭକାର ଅନିଲ୍ ଧିର। ତାଙ୍କ ତଥ୍ୟ ଅନୁଯାୟୀ ଏହି ବିରଳ ସ୍ମୃତି ବିଜଡ଼ିତ ଅତ୍ୟନ୍ତ ଦୁର୍ଲଭ ଜିନିଷଟି ଓଡ଼ିଶାବାସୀଙ୍କ ପାଇଁ ବିଶେଷ ଭାବେ ଆଗ୍ରହ ଓ ଉପଲବ୍ଧିର ବଡ଼ ସ୍ମୃତିଚିହ୍ନ କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କ ଦାବି ଅନୁଯାୟୀ ଏ ନେଇ ବିଧିବଦ୍ଧ ଭାବେ ନିର୍ଦ୍ଦିଷ୍ଟ ଫୋରମ ଓ ଆବେଦନ ଅନୁଯାୟୀ ଓଡ଼ିଶା ଓ କେନ୍ଦ୍ର ସରକାରଙ୍କୁ ସମସ୍ତ ତଥ୍ୟ ଦିଆଯାଇ ସୂଚୀତ କରାଯାଇଛି। ଓଡ଼ିଶାବାସୀଙ୍କ ମାଟି, ପାଣି, ପବନର ପ୍ରତିଟି କ୍ଷେତ୍ରରେ ସୁବାଷ ବୋଷଙ୍କ ସ୍ମରଣ ରହିଆସିଛି ତେଣୁ ଏପରି ଏକ ଦୁର୍ଲଭ ସଂଗ୍ରହଣୀୟ ଉପଲବ୍ଧିକୁ କଟକର ନେତାଜୀ ସଂଗ୍ରହାଳୟ କିମ୍ବା ନୂଆଦିଲ୍ଲୀସ୍ଥିତ ଜାତୀୟ ଆଇଏନଏ ସଂଗ୍ରହାଳୟରେ ସ୍ଥାନିତ କରାଗଲେ ଏହାର ସମ୍ମାନ ଓ ଗୌରବ ବଢ଼ିବା ସହ ପ୍ରତିଟି ଭାରତୀୟଙ୍କ ପାଇଁ ଆତ୍ମସମ୍ମାନ ଭାବନାକୁ ଆହୁରି ଜାଜ୍ଜୁଲ୍ୟମାନ କରିବ। ବିଶେଷକରି ଐତିହାସିକ, ଗବେଷକ ଓ ଗଣମାଧ୍ୟମ ପାଇଁ ଏହା ଏକ ବଡ଼ ସଂଗ୍ରହଣୀୟ ଓ ବିରଳ ସ୍ମୃତିଚିହ୍ନର ଗୌରବ ରହିବ ନିଶ୍ଚୟ।

**ଡଃ. ଅରୁନ୍ଧତୀ ଦେବୀ,** ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଓଡ଼ିଶା, କଟକ, ଦୂରଭାଷ : ୯୯୩୭୧୭୨୮୧୦


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ମହିଳା ଓ ନାବାଳିକା ଝିଅକୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ପଖଟ ଗ୍ରାମର ଜନୈକ ମହିଳା ଏବଂ ତାଙ୍କ ନାବାଳିକା ଝିଅକୁ ପଡୋଶୀ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେହି ଗ୍ରାମର ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କ ପତ୍ନୀ ସୁଭାସିନୀ ସ୍ୱାଇଁଙ୍କ ଅଭିଯୋଗ ଅନୁଯାଇ ତାଙ୍କ ସ୍ୱାମୀ କଲିକତାରେ ରହି କାମ କରିଥାନ୍ତି। ଗ୍ରାମରେ ସୁଭାସିନୀ ଓ ତାଙ୍କ ନାବାଳିକା ଝିଅ ଏକା ରୁହନ୍ତି। ଗତ ବୁଧବାର ସୁଭାସିନୀଙ୍କ ବାଡିରେ ତାଙ୍କ ପଡୋଶୀ ରମେଶ ଚନ୍ଦ୍ର ସ୍ୱାଇଁଙ୍କ ଗାଈ ପଶି ଫସଲ ଖାଇଯିବାରୁ ସେ ଏହାର ପ୍ରତିବାଦ କରିଥିଲେ। ଫଳରେ ରମେଶ ଏଥିରେ ଉତକ୍ଷିପ୍ତ ହୋଇ ସୁଭାସିନୀଙ୍କ ଘରେ ପଶି ତାଙ୍କୁ ଏକ ଠେଙ୍ଗାରେ ପିଟିବା ସହ ମାଡମାରି



ଲହୁଲୁହାଣ କରିଦେଇଥିଲେ। ମା'ର ଚିତ୍କାର ଶୁଣି ନାବାଳିକା ଝିଅ ଦୌଡିଆସି ଘଟଣାର ପ୍ରତିବାଦ କରିଥିଲା। ରମେଶ ନାବାଳିକା ଝିଅକୁ ମାଡମାରିଥିଲା। ଉଭୟ ମା'ଝିଅଙ୍କ ପାଟି ଶୁଣି ଆଖପାଖର ଲୋକମାନେ ଜମା ହୋଇଯିବାରୁ ଅଭିଯୁକ୍ତ ରମେଶ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ମା ଓ ଝିଅ ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ କେନ୍ଦ୍ରାପଡା ସଦର ଥାନାରେ ସୁଭାସିନୀ ଲିଖିତ ଅଭିଯୋଗ କରିଥିଲେ। ସ୍ୱାମୀଙ୍କ ଅନୁପସ୍ଥିତିରେ ସୁଭାସିନୀଙ୍କୁ ରମେଶ ବାରମ୍ବାର ଏଭଳି ଆକ୍ରମଣ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଥିବା ସୂଚନା ମିଳିଛି।

## ଜମଧର ପ□ାୟତର ସମିତି ସଭ୍ୟା ଭାବେ ମିତା ସାମଲଙ୍କ ପ୍ରାର୍ଥୀପତ୍ର ଦାଖଲ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଜମଧର ପ□ାୟତର ସମିତି ସଭ୍ୟା ପ୍ରାର୍ଥିନୀ ଭାବେ ଯୁବନେତା ସୁଧିର କୁମାର ସାମଲଙ୍କ ଧର୍ମପତ୍ନୀ ମିତା ସାମଲ ଗୁରୁବାର ନିଜ ପ୍ରସ୍ତାବକ ଓ ସମର୍ଥକଙ୍କ ସହ କେନ୍ଦ୍ରାପଡା ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ନିର୍ବାଚନ ଅଧିକାରୀ ବନ୍ଦନା ଖଟୁଆଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ପ୍ରାର୍ଥୀନୀ ଶ୍ରୀମତୀ ସାମଲ ପ□ାୟତର ବିକାଶ ଓ ଜନତାଙ୍କ ସେବା ପାଇଁ କାର୍ଯ୍ୟ କରିବାକୁ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା କହିଛନ୍ତି।

## ଯୁବନେତା ନରୋତ୍ତମ କୁତରଙ୍ଗ ପ□ାୟତର ସରପ□ ପ୍ରାର୍ଥୀ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା



ବ୍ଲକ ଅନ୍ତର୍ଗତ କୁତରଙ୍ଗ ପ□ାୟତର ସରପ□ ପ୍ରାର୍ଥୀ ଭାବେ ଯୁବନେତା ନରୋତ୍ତମ ମଲିକ ଗୁରୁବାର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ତାଙ୍କ ପତ୍ନୀ ସୀତାସୁନ୍ଦରୀ ମଲିକ ଏବେ ସେହି ପ□ାୟତର ସରପ□ ଭାବେ କାର୍ଯ୍ୟରତ ଅଛନ୍ତି। ସେହି ପ□ାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରିଥିବା ଶ୍ରୀମତୀ ମଲିକଙ୍କ ବିକାଶ କାର୍ଯ୍ୟକୁ ମୁଦ୍ଦା କରି ଯୁବନେତା ନରୋତ୍ତମ ଚଳିତ ତ୍ରିସ୍ତରୀୟ ନିର୍ବାଚନରେ ଲୋକଙ୍କ ପାଖକୁ ଯିବେ ବୋଲି କହିଛନ୍ତି। ପ□ାୟତର ବିଭିନ୍ନ ସ୍କୁଲ ଗୃହର ଉନ୍ନତିକରଣ, ଆଦର୍ଶ ପୋଖରୀ ଖନନ, ପାର୍କ ନିର୍ମାଣ, ଖେଳ ପଡିଆ ପ୍ରଭୃତି ବିକାଶ ମୂଳକ କାର୍ଯ୍ୟ ତାଙ୍କ ପତ୍ନୀ ସରପ□ ଥିବା ସମୟରେ କରାଯାଇଛି।

## ୧୩ଟି ରାଜନୈତିକ ଦଳ ପକ୍ଷରୁ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ଭୁବନେଶ୍ୱର (ପିଏନ୍): ଢିଙ୍କିଆ ଅଞ୍ଚଳରୁ ତୁରନ୍ତ ପୁଲିସ୍ ବଳ ହଟାଇବା, ଲୋକଙ୍କ ଉପରେ ପୋଲିସ୍ ଅତ୍ୟାଚାର ବନ୍ଦ କରିବା, ଆନ୍ଦୋଳନକାରୀଙ୍କ ଉପରେ ହୋଇଥିବା ମିଥ୍ୟା ମକଦ୍ଦମା ପ୍ରତ୍ୟାହାର କରିବା, ଗିରଫ ହୋଇ ଜେଲ୍‌ରେ ଥିବା ସମସ୍ତଙ୍କୁ ତୁରନ୍ତ ଖଲାସ କରିବା ଏବଂ ୧୪ ଜାନୁୟାରୀର ପୋଲିସ୍‌ର ଅମାନୁଷିକ ଲାଠି ଚାଳନା ଓ ଅତ୍ୟାଚାରର ତଦନ୍ତ ଉଚ୍ଚ ନ୍ୟାୟାଳୟର ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ (ଏସ୍.ଆଇ.ଟି.) ଦ୍ୱାରା କରିବା ଇତ୍ୟାଦି ଦାବିରେ ୧୩ଟି ବିରୋଧୀ ରାଜନୈତିକ ଦଳର ରାଜ୍ୟ ସ୍ତରୀୟ ପ୍ରତିନିଧି ଦଳ ମାନ୍ୟବର ରାଜ୍ୟପାଳଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ରାଜ୍ୟପାଳ ମହୋଦୟ ସାମ୍ବିଧାନିକ ବିଧି ବ୍ୟବସ୍ଥା ମଧ୍ୟରେ ଲୋକଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିବେ ବୋଲି ମିଳିତ ପ୍ରତିନିଧିମଣ୍ଡଳୀକୁ ପ୍ରତିଶ୍ରୁତି ଦେଇଛନ୍ତି । ୧୩ଟି ରାଜନୈତିକ ଦଳର ନେତୃବୃନ୍ଦ କହିଛନ୍ତି ଯେ ଢିଙ୍କିଆରେ ମାନବିକ ଅଧିକାର ଏବଂ ସ୍ୱଭାବିକ ଜୀବନ ଯାତ୍ରା ଭୁଲୁଣ୍ଠିତ ହୋଇଛି । ପୁଲିସ୍ ଓ ସରକାରୀ ଦଳର ଗୁଣ୍ଡାଙ୍କ କବଳରେ ଢିଙ୍କିଆ ଅଞ୍ଚଳର ସାଧାରଣ ଜନତା ଅରାଜକତା ଏବଂ ଅତ୍ୟନ୍ତ ଭୟାତୁର ବାତାବରଣ ମଧ୍ୟରେ ଜୀବନ ବିତାଉଛନ୍ତି । ଲୋକେ ପୁଲିସ୍ ଭୟରେ ଗାଁ ଛାଡି ଜଙ୍ଗଲରେ ଲୁଚିଛନ୍ତି । ଶିଶୁ, ବୃଦ୍ଧ, ବୃଦ୍ଧା ଏବଂ ମହିଳାମାନଙ୍କ ଅବସ୍ଥା ଅତି ଅଭାବନୀୟ ଅଟେ । ଲୋକଙ୍କ ପାଖରେ ଖାଦ୍ୟ ଏବଂ ସ୍ୱାସ୍ଥ୍ୟ ଜନିତ ସଙ୍କଟ ସୃଷ୍ଟି ହୋଇଛି । ଢିଙ୍କିଆ ଜନସାଧାରଣଙ୍କର ପରିସ୍ଥିତି ଅତି ଗୁରୁତର ହୋଇପଡିଛି । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହି ପରିସ୍ଥିତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଏଥିପାଇଁ ରାଜ୍ୟ ସରକାର ହିଁ ଦାୟୀ ବୋଲି ୧୩ଟି ଦଳର ନେତୃବୃନ୍ଦ କହିଛନ୍ତି ।

ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, କଂଗ୍ରେସର ରାଜ୍ୟନେତା ପଞ୍ଚାନନ କାନୁନ୍‌ଗୋ, ସି.ପି.ଆଇ.ର ରାଜ୍ୟ ସମ୍ପାଦକ ଆଶିଷ୍ କାନୁନ୍‌ଗୋ, ରାଜ୍ୟ କାର୍ଯ୍ୟକାରୀ କମିଟି ସଭ୍ୟ ଜୟନ୍ତ ଦାସ, ସି.ପି.ଆଇ.(ଏମ୍)ର ରାଜ୍ୟ ସମ୍ପାଦକ ଅଳି କିଶୋର ପଟ୍ଟନାୟକ, ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ଜନାର୍ଦ୍ଦନ ପତି, ସୁରେଶ ପାଣିଗ୍ରାହୀ, ସି.ପି.ଆଇ.(ଏମ୍-ଏଲ୍) ଲିବରେସନ୍‌ର ରାଜ୍ୟ ନେତା ମହେନ୍ଦ୍ର ପରିଡା, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍‌ର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ସି.ପି.ଆଇ.(ଏମ୍-ଏଲ୍) ରେଡ୍‌ଷ୍ଟାର୍‌ର ରାଜ୍ୟ ସମ୍ପାଦିକା ପ୍ରମିଳା ବେହେରା, ପୁଜା ଦାସ, ସି.ପି.ଆଇ.(ଏମ୍-ଏଲ୍) ନ୍ୟୁ ଡେମୋକ୍ରେସିର ରାଜ୍ୟ ନେତା ପ୍ରତାପ ପ୍ରଧାନ, ସି.ପି.ଆଇ.(ଏମ୍-ଏଲ୍)ର ରାଜ୍ୟ ନେତା ଶ୍ରୀକାନ୍ତ ମହାନ୍ତି, ସମାଜବାଦୀ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ଆମ୍ ଆଦମୀ ପାର୍ଟିର ରାଜ୍ୟ ମୁଖ୍ୟ ପ୍ରବକ୍ତା ରଙ୍ଗାଚରଣ ପ୍ରଧାନ, ଆର୍.ପି.ଆଇ. ର ରାଜ୍ୟ ସଭାପତି ଶେଖ୍ ଅବଦୁଲ୍ ୱାଲି, ଆର୍.ଜେ.ଡି. ର ରାଜ୍ୟ ନେତା ହେମନ୍ତ କୁମାର ଏବଂ ଏନ୍.ସି.ପି. ର ରାଜ୍ୟ ନେତା ବିକ୍ରମ ସ୍ୱାଇଁ ପ୍ରମୁଖ ବରିଷ୍ଠ ନେତୃବୃନ୍ଦ ଆଜି ରାଜ୍ୟପାଳଙ୍କୁ ଭେଟିଥିବା ପ୍ରତିନିଧି ଦଳରେ ସାମିଲ ହୋଇଥିଲେ।

## ଲବଣଗିରି ଉନ୍ନୟନ ପରିଚାଳନା କମିଟି ଗଠିତ, ତିରୁପତି ପାଣିଗ୍ରାହୀ ଅଧ୍ୟକ୍ଷ ମନୋନୀତ

ଭୁବନେଶ୍ୱର (ପିଏନ୍)- ଭୁବନେଶ୍ୱର ଉପକଣ୍ଠ ସ୍ଥିତ ଜାମୁକୋଲି ଠାରେ ପ୍ରସିଦ୍ଧ ହିନ୍ଦୁ ଧର୍ମପୀଠ ଲବଣଗିରିର ଉନ୍ନୟନ ପରିଚାଳନା କମିଟି ସ୍ଥାନୀୟ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପୌରହିତ୍ୟରେ ଗଠିତ ହୋଇଛି। ଏହି କମିଟିର କାର୍ଯ୍ୟକାରୀ ବୈଠକରେ ସର୍ବସମ୍ମତିକ୍ରମେ ନିଷ୍ପତି ଗ୍ରହଣ କରାହେଲା ଯେ ଏହି ଉନ୍ନୟନ ପରିଚାଳନା କମିଟିରେ ବିଶିଷ୍ଟ ସମାଜସେବୀ ତଥା ଉଦ୍ୟୋଗପତି ଶ୍ରୀ ତିରୁପତି ପାଣିଗ୍ରାହୀ ଅଧ୍ୟକ୍ଷ, ତିରୁପତି ଚୌଧୁରୀ ଉପାଧ୍ୟକ୍ଷ ଏବଂ ସଭ୍ୟ ଭାବରେ ମଧୁସୂଦନ ପାଣିଗ୍ରାହୀ, ରାକେଶ ପାଣିଗ୍ରାହୀ, ସୁରେଶ ପାଣିଗ୍ରାହୀ, କୈବଲ୍ୟ ସାମନ୍ତରାୟ, ସୁରେଶ ଗଜେନ୍ଦ୍ର, ସଂଗ୍ରାମ ରାଉତରାୟ, ସୁନିଲ ରାଉତରାୟ, ଗଜେନ୍ଦ୍ର ପ୍ରଧାନ, ଦିଲ୍ଲୀପ ବଡ଼ଜେନା, ଅନାମ ଚରଣ ସେନାପତି, ସଂଜୟ ତ୍ରିପାଠୀ, ମନୋରଂଜନ ମଲ୍ଲିଆ, ସୁକାନ୍ତ ଛୋଟରାୟ, ଜ୍ୟୋତିର୍ମୟୀ ଛୋଟରାୟ, ଶରତ ପାଇକରାୟ, ଦ୍ୱାରିକାନାଥ ପରିଡ଼ା ଓ ଜଗନ୍ନାଥ ବର ପ୍ରମୁଖ ସଭ୍ୟ ରହିଛନ୍ତି। ଏହି କମିଟିରେ ସୁଧାଂଶୁମୋହନ ପଟ୍ଟନାୟକ ସଂପାଦକ ରହିଥିବା ସ୍ଥଳେ ତ୍ରିଲୋଚନ ପ୍ରଧାନଙ୍କୁ କୋଷାଧ୍ୟକ୍ଷ ରଖାଯାଇଛି। ବିଧାୟକ ଶ୍ରୀ ରାଉତରାୟ ଏହି କମିଟିରେ ଉପଦେଷ୍ଟା ରହିଛନ୍ତି। ଏହି ଲବଣଗିରି ପର୍ବତରେ ଜଗନ୍ନାଥ ମନ୍ଦିର, ଶିବ ମନ୍ଦିର, ହନୁମାନ ମନ୍ଦିର ଓ ବିମଳା ମନ୍ଦିର ନିର୍ମାଣ କାର୍ଯ୍ୟ ଚାଲିଛି। ପ୍ରତିବର୍ଷ ଏକ ହଜାରରୁ ଉର୍ଦ୍ଧ୍ୱ ଆମ୍ବ ଓ ଅନ୍ୟାନ୍ୟ ମୂଲ୍ୟବାନ ଗଛ ଆନ୍ଧ୍ରରୁ ଅଣାଯାଇ ଏଠାରେ ରୋପଣ କରିବାପାଇଁ ନିଷ୍ପତି ଗ୍ରହଣ ହେଲା। ଏହି ପାହାଡ଼ରେ ଖୁବଶୀଘ୍ର ଏକ ବୃଦ୍ଧାଶ୍ରମ ନିର୍ମାଣ ପାଇଁ ସ୍ଥିରିକୃତ ହେଲା। ମନ୍ଦିର କାର୍ଯ୍ୟ ସମାପନ, ଉଦ୍ୟାନ, ବ୍ୟାପକ ସୌନ୍ଦର୍ଯ୍ୟକରଣ, ରାସ୍ତା, ଆଲୋକିକରଣ କରାଯିବାପାଇଁ ବିଧିବଦ୍ଧ ଭାବରେ ଆଲୋଚନା ହେଲା। ଏହାକୁ ଓଡ଼ିଶାରେ ଏକ ଉନ୍ନତ ପର୍ଯ୍ୟଟନସ୍ଥଳୀ ଭାବରେ ନିର୍ମାଣ କରିବାକୁ ନିଷ୍ପତି ନିଆଗଲା। ଆଜି ଏହି କମିଟିର ସମସ୍ତ ସଭ୍ୟ ଏବଂ ସ୍ଥାନୀୟ ଅଭିଭାବକମାନେ ଉପସ୍ଥିତ ରହିଥିଲେ।

## "ମା'କୁ ସମ୍ମାନ ଦେଶକୁ ସମ୍ମାନ" ସମାରୋହ




ଭୁବନେଶ୍ୱର (ପିଏନ୍): ଦେଶ ସ୍ୱାଧିନତାର ୭୫ବର୍ଷ ପୂରଣ ଓ ୧୯୭୧ଯୁଦ୍ଧର ସ୍ୱର୍ଣ୍ଣିମ ବିଜୟ ଦିବସରେ ଆଜାଦିକା ମହୋତ୍ସବ ଅବସରରେ ବୀଣାପାଣି ନାଟ୍ୟ ସଂସ୍ଥା ଜୟଦେବ ଭବନରେ ''ମା'କୁ ସମ୍ମାନ ଦେଶକୁ ସମ୍ମାନ'' ସମାରୋହ ପାଳିତ ହୋଇଯାଇଛି। କନ୍ୟାର ଯତ୍ନ ନେବା ସହ ରକ୍ଷା କରିବା ଓ ମା'କୁ ସମ୍ମାନ ଦେଲେ ଆମ ଦେଶ ଆଗେଇବ । ଏଥି ପାଇଁ ସବୁ ବର୍ଗର ଲୋକ ଆଗେଇ ଆସିବା ଉଚିତ୍ ବୋଲି ଅତିଥିମାନେ ମତ ପୋଷଣ କରିଥିଲେ। ଅନୁଷ୍ଠାନର ସମ୍ପାଦକ କଳାକାର ବିଚିତ୍ର ମଲିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜଷ୍ଟିସ୍ କମଳାକାନ୍ତ କର, ଡ଼. ବିପିନ ମିଶ୍ର, ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ୍ ସଭାପତି ଶୁକାନ୍ତି ମିଶ୍ର, ଲୟର୍ସ ଗୃପ୍ ଆବାହକ ଲିଙ୍ଗରାଜ ସାହୁ, ଇଂ ବିପିନ ବିଧାଧାରୀ ନାୟକ, ସମାଜସେବୀ ସପନ ମିଶ୍ର, ରବିନ୍ଦ୍ର ତ୍ରିପାଠୀ, ବିଜେଡ଼ି ଯୁବ ନେତା ସନ୍ତୋଷ ବେଜ୍, ନୃତ୍ୟଶିଳ୍ପୀ ଦିଲ୍ଲୀପ ସ୍ୱାଇଁ, ରାମଚନ୍ଦ୍ର ଉପାଧ୍ୟାୟ, ସନ୍ତୋଷ ମହାପାତ୍ର, ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଡ଼ ବୁଦ୍ଧଦେବ ବେହେରା ଅତିଥିମାନଙ୍କୁ ସମ୍ମାନୀତ କରିଥିଲେ। ଏହି ଅବସରରେ "କନ୍ୟା ରତନ କର ଯତନ" ସ୍ମରଣୀକା ଉନ୍ମୋଚିତ ହେବା ସହ ଏକ ପଦର୍ଶନୀ କରାଯାଇଥିଲା। କନ୍ୟା ରତ୍ନଙ୍କ ଚିନ୍ତା, ବ୍ୟଥା, ଓ କୃତୀତ୍ୱର ବାର୍ତାକୁ ନେଇ 'ସେଭ୍ ଗ୍ୟାର୍ଲ ସେଭ୍ ଇଣ୍ଡିଆ' ନୃତ ସମେତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସମେତ କନ୍ୟାମାନଙ୍କ ଦ୍ୱାରା ଚିତ୍ର, ନୃତ୍ୟ, ସଂଗୀତ, ଅଭିନୟ ଓ ବକ୍ତୃତା କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଜିଲ୍ଲା ପରିଷଦ ସଭ୍ୟପଦ ପାଇଁ ଚୂଡାନ୍ତ ସଂରକ୍ଷଣ ତାଲିକା ପ୍ରକାଶ

କେନ୍ଦ୍ରାପଡା (ପିଏନ୍): ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରେ ଆଗାମୀ ତ୍ରିସ୍ତରୀୟ ପ□ାୟତ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କେନ୍ଦ୍ରାପଡା ଜିଲ୍ଲାର ଜିଲ୍ଲା ପରିଷଦ ସଭ୍ୟପଦ ପାଇଁ ପୁନର୍ବାର ଚୂଡାନ୍ତ ସଂରକ୍ଷଣ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହି ଅନୁଯାଇ କେନ୍ଦ୍ରାପଡା ଜିଲ୍ଲାର ୩୨ଟି ଜିଲ୍ଲା ପରିଷଦ ସଭ୍ୟଙ୍କ ପାଇଁ ସଂରକ୍ଷିତ ହୋଇଥିବା ଚିଠା ତାଲିକା ହେଉଛି ଆଳି ବ୍ଲକର ୧ ନଂ ଜୋନ - ମହିଳା, ୨ ନଂ.- ଅସଂରକ୍ଷିତ, ୩ନଂ- ମହିଳା, ୪ନଂ- ଅସଂରକ୍ଷିତ, କେନ୍ଦ୍ରାପଡ଼ା ବ୍ଲକର ୫ ନଂ. ଜୋନ -ଅନୁସୂଚିତ ଜାତି ମହିଳା, ୬ ନଂ.- ମହିଳା, ୭ ନଂ- ମହିଳା, ୮ ନଂ- ଅସଂରକ୍ଷିତ। ଗରଦପୁର ବ୍ଲକ ୯ ନଂ ଜୋନ - ମହିଳା, ୧୦ ନମ୍ବର- ଅସଂରକ୍ଷିତ, ୧୧ ନଂ- ମହିଳା। ଡେରାବିଶ ବ୍ଲକ ୧୨ ନଂ- ଅନୁସୂଚିତ ଜାତି, ୧୩ ନଂ- ଅନୁସୂଚିତ ଜାତି ମହିଳା, ୧୪ ନଂ.- ଅନୁସୂଚିତ ଜାତି। ପଟ୍ଟାମୁଣ୍ଡାଇ ୧୫ ନଂ. ଜୋନ- ଅନୁସୂଚିତ ଜାତି ମହିଳା, ୧୬ ନଂ- ଅନୁସୂଚିତ ଜାତି, ୧୭ ନଂ- ଅସଂରକ୍ଷିତ, ୧୮ ନଂ- ଅନୁସୂଚିତ ଜାତି ମହିଳା। ମହାକାଳପଡ଼ା ୧୯ ନଂ. ଜୋନ - ମହିଳା, ୨୦ ନଂ.- ଅସଂରକ୍ଷିତ, ୨୧ ନଂ- ମହିଳା, ୨୨ ନଂ - ଅସଂରକ୍ଷିତ, ୨୩ ନଂ - ଅସଂରକ୍ଷିତ। ମାର୍ଶାଘାଇ ବ୍ଲକ ୨୪ ନଂ- ଅସଂରକ୍ଷିତ, ୨୫ ନଂ- ମହିଳା, ୨୬ ନଂ- ଅସଂରକ୍ଷିତ। ରାଜକନିକା ବ୍ଲକ ୨୭ ନଂ- ମହିଳା, ୨୮ ନଂ- ଅସଂରକ୍ଷିତ, ୨୯ ନଂ- ମହିଳା। ରାଜନଗର ବ୍ଲକ ୩୦ ନଂ- ଅସଂରକ୍ଷିତ, ୩୧ ନଂ- ଅସଂରକ୍ଷିତ ଓ ୩୨ ନଂ ଜୋନ- ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଛି। ସେହିପରି ରାଜ୍ୟ ପ□ାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରକାଶିତ ଚିଠା ତାଲିକାରେ କେନ୍ଦ୍ରାପଡା ଜିଲ୍ଲାର ଜିଲ୍ଲା ପରିଷଦ ସଭାପତି ପଦଟି ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି।

## "ଆମ ପରମ୍ପରା"ର କରୋନା ସଚେତନତା କାର୍ଯ୍ୟକ୍ରମରେ କମ୍ବଳ ବଣ୍ଟନ




ବାଲେଶ୍ୱର (ପିଏନ୍)- ବାଲେଶ୍ୱର ନୀଳଗିରି ବ୍ଲକର ତରତରୀ ଚଣ୍ଡିଗଡ଼ ଠାରେ ଥିବା ଓଡ଼ିଶା ଷ୍ଟେଟ ବ୍ରିଗେଡ଼ ସ୍କୁଲ ରେ ସାମାଜିକ ଅନୁଷ୍ଠାନ "ଆମ ପରମ୍ପରା" ପରିବାର ତରଫରୁ ଏକ କରୋନା ମହାମାରୀ ସଚେତନତା ସଭା କରାଯାଇଥିଲା। ଏହି ସଭାରେ ପ୍ରାରମ୍ଭିକ ସୂଚନା ଦେଇଥିଲେ ସତ୍ୟଭାମା ମୁଦୁଲି ଏବଂ ଅନୁଷ୍ଠାନର ସଭାପତି ବିକର୍ତ୍ତନ ନାୟକଙ୍କ ସଭାପତିତ୍ୱରେ ସଂପାଦକ ମୁରଲୀଧର ନାୟକ, ସୁରେଶ ଚନ୍ଦ୍ର ଜେନା, ମୁକ୍ତେଶ୍ୱର ସେଠୀ, ହରିହର ନାୟକ, କଞ୍ଚମଣି ସ୍ୱାଇଁ, ଚନ୍ଦ୍ରକାନ୍ତ ବେହେରା, କଳ୍ପନା ନାୟକ, ରଣଜିତ କୁମାର ପରିଡ଼ା, ଜଗନ୍ନାଥ ବାରିକ, ହରେକୃଷ୍ଣ ଦାସ, ମନ୍ମଥ ମିଶ୍ର, ଅମୃତି ଦାଶ, ଗୀତିକା ପଟ୍ଟନାୟକ, ସୁଧାଂଶୁ ମଲ୍ଲିକ୍, ବିଜୟଲକ୍ଷ୍ମୀ ମିଶ୍ର, ହରିହର ଜେନା, ଲୋକନାଥ ପିରି, ରଘୁନାଥ ବେହେରା ଓ ଜିତେନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ରହି କରୋନା ମହାମାରୀ ର ଭୟଭୟତା ଏବଂ ସଚେତନତା ଉପରେ ନିଜ ନିଜର ବକ୍ତବ୍ୟରେ ଗୁରୁତ୍ୱ ଆରୋପ କରିଥିଲେ। ତା ସହିତ ଓଡ଼ିଶାର ସଂସ୍କୃତି ପରମ୍ପରାକୁ ବଜାଇ ରଖି କୁସଂସାର ଅନ୍ଧବିଶ୍ୱାସକୁ ପରିତ୍ୟାଗ କରି ମୁଖ୍ୟ ସ୍ରୋତକୁ ଆସିବା ପାଇଁ ସଚେତନ କରାଯାଇଥିଲା। ପ୍ରବଳ ଶୀତ ଯୋଗୁଁ ସେ ଅ□ଳର ଅସହାୟ, ଦିବ୍ୟାଙ୍ଗ ଓ ଆଦିବାସୀ ଲୋକମାନଙ୍କୁ ୧୦୦ରୁ ଉର୍ଦ୍ଧ୍ୱ କମ୍ବଳ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଗ୍ରେଡ଼ ସ୍କୁଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଅମରେନ୍ଦ୍ର ଦାସ ଧନ୍ୟବାଦ ଜ୍ଞାପନ କରିଥିଲେ।




# ୩ଲୁଟେରା ଗିରଫ; ଟଙ୍କା ଓ ମାରଣାସ୍ତ୍ର ଜବତ







ଫୁଲନଖରା, (ପି.ଏନ):ଜନୈକ ବ୍ୟବସାୟୀଙ୍କୁ ରାସ୍ତାରେ ଅଟକାଇ ଆକ୍ରମଣ କରିବା ସହିତ ତାଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେବା ଘଟଣାରେ ପୁଲିସ ୪ଜଣ ଦୁର୍ବୃତ୍ତଙ୍କ ମଧ୍ୟରୁ ୩ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କଠାରୁ ଟଙ୍କା, ମାରଣାସ୍ତ୍ର, ବାଇକ ଓ ମୋବାଇଲ ଫୋନ ଜବତ ହୋଇଛି। ଏ ନେଇ ସଦର ଥାନା ପୁଲିସ ପକ୍ଷରୁ ଆଜି ଏକ ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରାଯାଇଥିଲା। ଏଥିରେ ଏସିପି ଚନ୍ଦନ ଘଡ଼ାଇ, ଆଇଆଇସି ସୁଧାଂଶୁଭୂଷଣ ଜେନା ଓ ଅନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, କୋଣାର୍କରେ ଥିବା ଏକ କମ୍ପାନୀରେ କାର୍ଯ୍ୟ କରୁଥିବା ପୁରୀ ଜିଲା ନିମାପଡ଼ା ଥାନା ବେଲକଣା ଅଞ୍ଚଳର ସତ୍ୟବ୍ରତ ଜେନା ଗତ ୨୦୧୯ ମସିହା ଡିସେମ୍ବର ମାସ ୨୬ତାରିଖରେ କଟକ ଚାଉଳିଆଗ ଅଞ୍ଚଳରୁ କମ୍ପାନୀ ଟଙ୍କା ଆଦାୟ କରି ଏକ ଟାଟା ଏଏସ ଗାଡ଼ିରେ କୋଣାର୍କ ଫେରୁଥିଲେ। ରାତି ପାଖାପାଖି ୮ଟା ସମୟରେ ନଖରା-ନିଆଳି ରାସ୍ତାର ବଡ଼ଝରିଲୋ ନିକଟ ଏକ ନିର୍ଜନ ସ୍ଥାନରେ ୪ଜଣ ଦୁର୍ବୃତ୍ତ ଦୁଇଟି ବାଇକରେ ପଛପଟରୁ ଆସି ଟାଟା ଏଏସ ଗାଡ଼ିକୁ ଅଟକାଇଥିଲେ। ସେମାନେ ମାରଣାସ୍ତ୍ରଦ୍ୱାରା ସତ୍ୟବ୍ରତ ଓ କର୍ମଚାରୀଙ୍କୁ ଆକ୍ରମଣ କରି ସଂଗୃହୀତ ୪ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ ସତ୍ୟବ୍ରତ ସଦର ଥାନାରେ ଲିଖିତ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୁଲିସ ଏକ ମାମଲ ରୁଜୁ କରିବା ସହିତ ତଦନ୍ତ ଚଳାଇଥିଲା ଓ ଘଟଣାରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରିଥିଲା। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ସଦର ଥାନା ଉଷୁମା ଗ୍ରାମର ପିଣ୍ଟୁ ଓରଫ ପ୍ରଭୁକଲ୍ୟାଣ ସ୍ୱାଇଁ, ରାହୁଲକୁମାର ଛାଟୋଇ ଏବଂ ସୁମାଣ୍ଡି ଗ୍ରାମର ଶୁଭନାରାୟଣ ଛାଟୋଇ। ଏମାନଙ୍କଠାରୁ ନଗଦ ୪୦ହଜାର ଟଙ୍କା ସମେତ ଏକ ନୀଳ ରଂଗର ବଜାଜ ପଲସର, ଗୋଟିଏ କଟୁରି ଏବଂ ୪ଟି ମୋବାଇଲ ଫୋନ ଜବତ ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଶ୍ରୀ ଜେନା ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

## ମଦ ଜବତ, ୨ଗିରଫ

ଧର୍ମଶାଳା,(ପିଏନ୍): ଜେନାପୁର ପୋଲିସ ପକ୍ଷରୁ ଆଜି ଦୁଇଟି ସ୍ଥାନରେ ଚଢାଉ କରାଯାଇ ବିଦେଶୀ ମଦ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ, ଏହି ଥାନା ଅନ୍ତର୍ଗତ ସାଥୁଆପଟଣା ଅଂଚଳରେ ଚଢାଉ କରାଯାଇ ୪୫ବୋତଲ ବିଦେଶୀ ମଦ ଜବତ କରାଯିବା ସହ ଅଭିଯୁକ୍ତ ରବି ସାହୁକୁ ଗିରଫ କରାଯାଇଛି। ସେହିପରି ବାଇକରେ ମଦ ନେଇ ଯାଉଥିବା ବେଳେ ରାଧାକାନ୍ତପୁର ନିକଟରୁ ୩୮ବୋତଲ ବିଦେଶୀ ମଦ ଜବତ ସହ ଅଭିଯୁକ୍ତ ଚୈତନ୍ୟ ବେହେରାକୁ ଗିରଫ କରାଯାଇଛି। ଗିରଫ ପରେ ଅଭିଯୁକ୍ତ ଦ୍ୱୟକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

## ବଳାତ୍କାରୀକୁ ୧୦ ବର୍ଷ ଜେଲ

କେନ୍ଦୁଝର ,(ପି.ଏନ): ସ୍ପେଶାଲ ଟ୍ରାକ କୋର୍ଟ ଆଜି ଏକ ବଳାତ୍କାର ମାମଲାର ଶୁଣାଣୀ କରି ଜଣେ ବଳାତ୍କାରୀକୁ ୧୦ବର୍ଷ ଜେଲ ଦଣ୍ଡ ଦେବାସହ ୫ହଜାର ଟଙ୍କା ଫାଇନ ଆଦେଶ କରିଛନ୍ତି। ଫାଇନ ଅନାଦେୟ ଆଉ ୩ ମାସ ଜେଲ ଭୋଗିବାକୁ ପଡିବ। ଦଣ୍ଡ ହୋଇଥିବା ଉକ୍ତ ଯୁବକଙ୍କ ନାମ ଶ୍ରବଣ କୁମାର ନାୟକ। ଘର ସଦର ଥାନା ଅନ୍ତର୍ଗତ ମଇଦାନକେଲ ଗ୍ରାମପଂଚାୟତ ତାଳପଦା ଗ୍ରାମରେ। ପ୍ରକାଶ ଯେ, ଶ୍ରବଣ କୁମାର ନାୟକ (୨୫) ଉକ୍ତ ଗ୍ରାମର ଜଣେ ୨୩ ବର୍ଷ ଯୁବତୀ ସହ ପ୍ରେମ ସମ୍ପର୍କ ରଖିଥିଲା। ବିବାହର ପ୍ରଲୋଭନ ଦେଖାଇ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଯେତେବେଳେ ସେ ୭ ମାସର ଗର୍ଭବତୀ ହେଲେ ସେତେବେଳେ ଯୁବତୀ ଜଣକ ବିବାହ କରିବା ପାଇଁ ଶ୍ରବଣ କୁ କହିଥିଲେ। ସେ ଏଥିରେ ଅରାଜି ହେବାରୁ ଯୁବତୀ ତାଙ୍କ ଘରକୁ ଯାଇଥିଲେ। ତେବେ ପରିବାର ଶ୍ରବର ର ମା' ଶକୁନ୍ତଳା,ବଡଭାଇ ତ୍ରିଲୋଚନ ଏବଂ ଭାଉଜ ରଜନୀ ତାଙ୍କୁ ଘରେ ପୁରାଇ ନ ଦେଇ ମାରି ଦେବାକୁ ଧମକ ଚମକ ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହାପରେ ଯୁବତୀ ସଦର ଥାନାର ଆଶ୍ରୟ ନେଇଥିଲେ। ପୋଲିସ କେସ ନଂ ୨୩୮/ ୧୪.୧୧.୨୦୧୩ରେ ଏକ କେସ ରୁଜୁ କରି ଅଭିଯୁକ୍ତ ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ଏହି ମାମଲାର ଶୁଣାଣୀ କରାଯାଇ ୧୪ ଜଣ ସାକ୍ଷୀ ଓ ପ୍ରମାଣ କୁ ଭିତ୍ତି କରି ସ୍ୱତନ୍ତ୍ର ଟ୍ରକ କୋର୍ଟରେ ବିଚାରପତି ଡକ୍ଟର ମମତା ମହାନ୍ତି ଏହି ଆଦେଶ କରି ଶ୍ରବଣ କୁମାର ନାୟକଙ୍କୁ ଦଣ୍ଡ ଆଦେଶ କରିଥିବାବେଳେ ଅନ୍ୟ ୩ଜଣଙ୍କୁ ପ୍ରମାଣ ଅଭାବରୁ ଖଲାସ କରିଛନ୍ତି।

# ଅନ୍ତରାଷ୍ଟ୍ରୀୟ ବାଳିକା ଶିଶୁ ଦିବସ ପାଳିତ

କେନ୍ଦୁଝର,(ପି.ଏନ):ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ କେନ୍ଦୁଝର ଆନୁକୂଲ୍ୟରେ ଜୀଷ୍ଟମିଟ୍ ଭିଡିଓ ପ୍ରସାରଣ ମାଧ୍ୟମରେ ଅନ୍ତରାଷ୍ଟ୍ରୀୟ ବାଳିକା ଦିବସ ୨୦୨୨ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଭର୍ଚୁଆଲ ମାଧ୍ୟମରେ ପ୍ରାଧିକରଣ ଦ୍ୱାରା ବାଳିକା ଶିଶୁ ମାନଙ୍କୁ ସଚେତନ କରାଇଥିଲେ । ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଚିତ୍ତରଂଜନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥିମାନେ ବାଳିକା ଶିଶୁ ମାନଙ୍କୁ ଦେଶର ଭବିଷ୍ୟତ ଭାବେ ବର୍ଣ୍ଣନା କରି ସେମାନଙ୍କର ଯତ୍ନ ସଠିକ୍ ହୋଇପାରିଲେ ଏହା ବିକଶିତ ରାଷ୍ଟ୍ରର ପ୍ରଧାନ ଲକ୍ଷ୍ୟ ଭାବେ ଅଭିହିତ କରିଥିଲେ । ମନୋଜ ମଂଜରୀ ଶିଶୁ ଭବନର ଅନ୍ତେବାସିନୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ବେଳେ ଉକ୍ତ ଅନୁଷ୍ଠାନର କର୍ମକର୍ତ୍ତା ସହଯୋଗ କରି ବାଳିକା ଶିଶୁ ମାନଙ୍କୁ ସଚେତନ କରାଇବାର ସହାୟତା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ପ୍ରାଧିକରଣର ସଚିବ ଶ୍ରୀମତୀ ସୌଦାମିନୀ ବିଶ୍ୱାଳ ବାଳିକା ଶିଶୁ ମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରାଧିକରଣର ବିଭିନ୍ନ କାର୍ଯ୍ୟାବଳି ବର୍ଣ୍ଣନା କରି ମାଗଣା ଆଇନ୍ ସେବା, ପୀଡିତା କ୍ଷତିପୂରଣ ପ୍ରଭୃତି କାର୍ଯ୍ୟକାରୀ ଦ୍ୱାରା ବାଳିକା ଶିଶୁ ମାନେ ଘୋର ବିପଦର ସମ୍ମୁଖୀନ ହୋଇ ମଧ୍ୟ ପରବର୍ତ୍ତି କାଳରେ ସମାଜର ମୁଖ୍ୟସ୍ରୋତରେ କିଭଳି ସାମିଲ ହୋଇପାରୁଛନ୍ତି ତାହା ଜଣାଇ ବାଳିକା ଶିଶୁମାନଙ୍କର ଅଭିଭାବକ ଓ ଅଭିଭାବିକାମାନେ ସେମାନଙ୍କ ଯତ୍ନ ଓ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଜିଲ୍ଲା ଦେୱାନୀ ବିଚାରପତି ଅମରେଶ ମହାପାତ୍ର ଯୋଗ ଦେଇ ବର୍ତ୍ତମାନ ଆମ ଦେଶର ସମ୍ବିଧାନ ତଥା ସର୍ବୋଚ୍ଚ ନ୍ୟାୟାଳୟ ବାଳିକା ଶିଶୁ ମାନଙ୍କୁ ସେମାନଙ୍କର ସମ୍ପତ୍ତିଗତ ଅଧିକାର ଓ ଆଇନ୍‌ଗତ ଅଧିକାରରେ କଣ କଣ ପ୍ରଦାନ କରିଛନ୍ତି ତାହାକୁ ବିସ୍ତୃତ ଭାବେ ବର୍ଣ୍ଣନା କରି ସମାଜର ପ୍ରତ୍ୟେକ ବର୍ଗର ଜନସାଧାରଣ ଓ ସେମାନଙ୍କ ପିତାମାତା ଏହା ଉପରେ ସଚେତନ ହୋଇ ପାରିଲେ ବାଳିକା ଶିଶୁ ମାନଙ୍କର ବହୁବିଧ ଉନ୍ନତି ହୋି ସୋମାନେ ଦେଶ ବିକାଶର ମୁଖ୍ୟ କର୍ଣ୍ଣଧାର ସାଜିବେ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପାନେଲ ଅଧିବକ୍ତା, ପାରାଆଇନ୍ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ବେଳେ ତାଲୁକ ଆଇନ୍ ସେବା କମିଟି ମାନଙ୍କ ଦ୍ୱାରା ମଧ୍ୟ ଏହି ଦିବସ ପାଳିତ ହୋଇଥିଲା ।

# ଜନଶିକ୍ଷା ସଂସ୍ଥା ଦ୍ୱାରା ଜାତୀୟ ବାଳିକା ଦିବସ ପାଳନ

କେନ୍ଦୁଝର,(ପି.ଏନ):କେନ୍ଦୁଝରର ଜନଶିକ୍ଷା ସଂସ୍ଥା ଓ ସଂଯୋଗ ଅନୁଷ୍ଠାନର ମିଳିତ ସହଯୋଗରେ ନେଲୁଙ୍ଗ ପଂଚାୟତର ଜଡିଖୁଣ୍ଟା ଗ୍ରାମ ଠାରେ ଚଳିତ ମାସ ୨୪ତାରିଖ ସୋମବାର ଦିନ ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଜନଶିକ୍ଷା ସଂସ୍ଥାର ସହ ନିର୍ଦ୍ଦେଶକ ସୀବ କୁମାର ଦାସ ପରିଚାଳନା କରିଥିବା ବେଳେ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ବିଶ୍ୱାଳ ଜାତୀୟ ବାଳିକ ଦିବସ ପାଳନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ବୁଝାଇ ଥିଲେ । କିଶୋରୀ ବାଳିକା ମାନଙ୍କୁ ଯତ୍ନ ଏବଂ ସୁରକ୍ଷା ଦେବା ସହ ତାଙ୍କର ବିକାଶ କରିବା ଏହି ଦିବସର ଉଦ୍ଦେଶ୍ୟ ରହିଛି । କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲା ଶିଶୁ ସୁରକ୍ଷା ସମିତିର ଆବାହକ ଭକ୍ତବତ୍ସଳ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇ କିଶୋରୀ କନ୍ୟାଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ବିକାଶ ମୂଳକ ଯୋଜନା ଯଥା- ବାଳିକା ସମୃଦ୍ଧି ଯୋଜନା, ସମନ୍ୱୀତ ଶିଶୁ ବିକାଶ ଯୋଜନା, ସମନ୍ୱିତ ଶିଶୁ ସୁରକ୍ଷା ଯୋଜନା, ଭିନ୍ନକ୍ଷମକ କିଶୋରୀଙ୍କ ନିମନ୍ତେ ବାଣଶ୍ରୀ ଯୋଜନା, ଆଦିବାସୀ ବାଳିକା ମାନଙ୍କ ପାଇଁ ଆବାସିକ ବିଦ୍ୟାଳୟ ଓ କସ୍ତୁରବା ବିଦ୍ୟାଳୟ ଯୋଜନା ବିଷୟରେ ବୁଝାଇଥିଲେ। କିଶୋରୀ ମାନଙ୍କ ସୁରକ୍ଷା ନିମନ୍ତେ ବାଲ୍ୟବିବାହ ନିଷେଧ ଆଇନ୍, ଘରୋଇ ହିଂସା ସୁରକ୍ଷା ଆଇନ୍, ଶିଶୁ ଯୌନଶୋଷଣ ନିଷେଧ ଆଇନ୍, ଚାଇଲ୍ଡଲାଇନ୍, ଶିଶୁ ମଙ୍ଗଳ ସମିତି, କିଶୋର ନ୍ୟାୟ ବୋର୍ଡ, ଶିଶୁ ଅଧିକାର ବିଷୟରେ ବୁଝାଇ ଥିଲେ । ଅଙ୍ଗନୱାଡି କର୍ମୀ ଶ୍ରୀମତୀ ପାର୍ବତୀ ମୁଣ୍ଡା କିଶୋରୀ କନ୍ୟାର ଯତ୍ନ ବିଷୟରେ କହିଥିଲେ । କିଶୋରୀ କନ୍ୟା ରଶ୍ମିତା ମୁଣ୍ଡା, ହିରା ମୁଣ୍ଡା ନିଜ ନିଜର ବକ୍ତବ୍ୟ ରଖିଥିଲେ। ୪୨ଜଣ କିଶୋରୀ କୁଇଜ୍ ପ୍ରତିଯୋଗିତାରେ ଭାଗନେଇ କିଶୋରୀ କନ୍ୟ ମାନଙ୍କ ଅଧିକାର ଓ ଯତ୍ନ ବିଷୟରେ ଚର୍ଚ୍ଚା କରିଥିଲେ । କିଶୋରୀ ମାନଙ୍କୁ ନେଇ କିଶୋରୀ କ୍ଲବ ଜଡିଖୁଣ୍ଟାରେ ଗଠନ କରାଯାଇଥିଲା। ଶେଷରେ ସୁଶ୍ରୀ କସ୍ତୁରୀ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ ଦୁଇଟି ସ୍ଥାନରେ ପ୍ରାର୍ଥୀପତ୍ର ଦାଖଲ

ଧର୍ମଶାଳା,(ପିଏନ୍): ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଧର୍ମଶାଳା ବ୍ଲକରେ ଦାଖଲ ହୋଇଥିବା ପ୍ରାର୍ଥୀପତ୍ରଗୁଡ଼ିକୁ ଶନିବାର ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ କୁମାରୀ ଓ ଚକ୍ରଧରପୁର ପଞ୍ଚାୟତରେ ସମିତିସଭ୍ୟ ପଦବୀ ନିମନ୍ତେ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି। ବିଜେଡ଼ି ପକ୍ଷରୁ ଶ୍ରୀ ବଳବନ୍ତରାୟଙ୍କୁ କୁମାରୀ ପଞ୍ଚାୟତ ସମିତିସଭ୍ୟ ପ୍ରାର୍ଥୀ ଭାବେ ଦଳ ସମର୍ଥନ ଘୋଷଣା କରିଥିଲା । ହେଲେ ପୁଣି କେଉଁ ଅଜଣା ଭୟରେ ଶ୍ରୀ ବଳବନ୍ତରାୟ କୁମାରୀ ସମେତ ଚକ୍ରଧରପୁର ପଞ୍ଚାୟତରେ ପ୍ରାର୍ଥୀ ହେବାକୁ ନିରାପଦ ମଣିଲେ ଏହାକୁ ନେଇ ନାନା ଚର୍ଚ୍ଚା ଆଲୋଚନା ଜୋର୍ ଧରିଛି । ପ୍ରକାଶ ଯେ, ୨୦୧୭ ପଞ୍ଚାୟତ ନିର୍ବାଚନରେ ପ୍ରଭାତ କୁମାର ବଳବନ୍ତରାୟ ଭବାନୀପୁର ପଞ୍ଚାୟତର ସମିତିସଭ୍ୟ ଭାବେ ବିଜୟୀ ହୋଇ ଧର୍ମଶାଳା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଥିଲେ। ଏଥର ସେ ପୁଣି ଅଧ୍ୟକ୍ଷ ହେବାପାଇଁ ଆଶାୟୀ ତାଲିକାର ସର୍ବାଗ୍ରେ ରହିଛନ୍ତି । ସେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ସାନଭାଇ ହୋଇଥିବାରୁ ବିଜେଡ଼ିରେ ଥିବା ଅନ୍ୟ ଆଶାୟୀମାନଙ୍କ ଆଶା ପୂର୍ବଥର ପରି ଏଥର ମଧ୍ୟ ମଉଳି ଯାଇଛି । ସମିତିସଭ୍ୟ ଭାବେ ଜିତିବା ପାଇଁ ସେ ନବଗଠିତ କୁମାରୀ ପଞ୍ଚାୟତକୁ ବାଛିଥିଲେ। ହେଲେ ଏଠାରେ ଶାସକ ଦଳର ଦୁଇ ଜଣ ସରପଞ୍ଚ ପ୍ରାର୍ଥୀ ଜଣେ ଏବେକାର ସରପଞ୍ଚ କବିତା ବେହେରା ଓ ଅନ୍ୟ ଜଣେ ଜାରକାର ପୂର୍ବତନ ପ୍ରଭୁରନ ସାମଲଙ୍କ ମା' କ୍ଷୀରୋଦପ୍ରଭା ସାମଲ ନିର୍ବାଚନ ପାଇଁ ଲଢ଼େଇ ଆରମ୍ଭ କରି ଦେବାରୁ ବୋଧହୁଏ ଶ୍ରୀ ବଳବନ୍ତରାୟ କୁମାରୀକୁ ଆଉ ନିରାପଦ ମନେ କରିନଥିଲେ। ସମ୍ଭବତ ଶେଷ ମୂହୁର୍ତ୍ତରେ ଏକ ନିରାପଦ ପଞ୍ଚାୟତ ଭାବେ ଚକ୍ରଧରପୁରକୁ ବାଛିଛନ୍ତି । ସେଠାରେ ଦଳୀୟ ସମର୍ଥନରେ ପ୍ରାଥୀ ହୋଇଥିବା ବିଭୁତି ଭୂଷଣ ଜେନାମଣି ଓ ଅନ୍ୟତମ ପ୍ରାର୍ଥୀ ମାମିନା ମଲିକଙ୍କ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଇ ନେବାକୁ ଉଦ୍ୟମ ହେଉଥିବା ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି । ଏହା ଯଦି ସଫଳ ହେଲା ସେଠାରେ ଶ୍ରୀ ବଳବନ୍ତରାୟ ନିଦ୍ୱନ୍ଦ୍ୱରେ ସମିତିସଭ୍ୟ ଭାବେ ନିର୍ବାଚିତ ହୋଇ ପୁଣି ଥରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ହୋଇ ପାରିବେ ବୋଲି ଆଶା ବାନ୍ଧିଛନ୍ତି ।

# ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ : ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ପର୍ଯ୍ୟବେକ୍ଷକଙ୍କ ବୈଠକ : ଶାନ୍ତି ଶୃଙ୍ଖଳା ସହିତ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ଉପରେ ଗୁରୁତ୍ୱ : ଆଦର୍ଶ ଆଚରଣ ବିଧି ଉଲଂଘନ କଲେ ଦୃଢ କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର,(ପି.ଏନ):କେନ୍ଦୁଝର ଜିଲ୍ଲାରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ଉପରେ ସାଧାରଣ ପର୍ଯ୍ୟବେକ୍ଷକ ବିଭୂତି ଭୂଷଣ ଦାସ ଗୁରୁତ୍ୱାରୋପ କରିଛନ୍ତି । ଏ ସଂପର୍କରେ ଚଳିତ ଜାନୁୟାରୀ ୨୪ ତାରିଖ ସୋମବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲ୍‌ଠାରେ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା ଆଦର୍ଶ ଆଚରଣ ବିଧି, କୋଭିଡ୍ ଗାଇଡ୍ ଲାଇନ୍‌ର ଅନୁପାଳନ ତଥା ନିର୍ବାଚନ ପରିଚାଳନା ସଂପର୍କରେ ଅବଗତ କରାଇବା ଉଦ୍ଦେଶ୍ୟରେ ଅନୁଷ୍ଠିତ ବୈଠକରେ ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ଦାସ ଜିଲ୍ଲାରେ ସଫଳତାର ସହିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରିଚାଳନା ପାଇଁ ରାଜନୈତିକ ଦଳ, ପ୍ରାର୍ଥୀ ତଥା ଜନସାଧାରଣଙ୍କର ସକ୍ରିୟ ସହଯୋଗ କାମନା କରିଛନ୍ତି। କେନ୍ଦୁଝର ଜିଲ୍ଲାରେ ବିଗତ ଦିନରେ ଶାନ୍ତି ଶୃଙ୍ଖଳାର ସହିତ ନିର୍ବାଚନ ପରିଚାଳନାର ସୁନ୍ଦର ପରମ୍ପରା ରହିଛି । ଏ ଦିଗରେ ରାଜନୈତିକ ଦଳ, ପ୍ରାର୍ଥୀ ତଥା ଜନସାଧାରଣଙ୍କ ସକ୍ରିୟ ସହଯୋଗ ଅତ୍ୟନ୍ତ ପ୍ରଶଂସନୀୟ । ଏଣୁ ଚଳିତ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପ୍ରକ୍ରିୟାକୁ ମୁକ୍ତ, ଅବାଧ ଓ ନିରପେକ୍ଷ କରିବାରେ ସବୁ ବର୍ଗର ସହଯୋଗ କାମନା କରିଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଆଶିଷ ଠାକରେ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ଜିଲ୍ଲାରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରିଚାଳନା ପ୍ରକ୍ରିୟା ଏବଂ ପ୍ରସ୍ତୁତି ସଂପର୍କରେ ଆଲୋକପାତ କରିଥିଲେ ଏବଂ ଜିଲ୍ଲାରେ ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହିତ ମୁକ୍ତ, ଅବାଧ, ନିରପେକ୍ଷ ଭାବେ ପରିଚାଳନା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ। କେନ୍ଦୁଝର ଜିଲ୍ଲାରେ ଆଗାମୀ ଫେବୃଆରୀ ୧୬ ତାରିଖ ଦିନ ଘଷିପୁରା, ଘଟଗାଁ, ବାଂଶପାଳ ବ୍ଲକ୍, ଫେବୃଆରୀ ୧୮ ତାରିଖ ଦିନ ହରିଚନ୍ଦନପୁର ଓ ତେଲକୋଇ ବ୍ଲକ୍, ଫେବୃଆରୀ ୨୦ ତାରିଖ ଦିନ ହାଟଡିହି, ଝୁମ୍ପୁରା ଓ ଆନନ୍ଦପୁର ବ୍ଲକ୍, ଫେବୃଆରୀ ୨୨ ତାରିଖ ଦିନ ପାଟଣା, ଚମ୍ପୁଆ ଏବଂ ଯୋଡା ବ୍ଲକ୍ ଏବଂ ଫେବୃଆରୀ ୨୪ ତାରିଖ ଦିନ କେନ୍ଦୁଝର ସଦର ଏବଂ ସାହାରାପଡା ବ୍ଲକ୍‌ରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି କରାଯାଇଛି । କୋଭିଡ୍ ସଂକ୍ରମଣ ପରିପ୍ରେକ୍ଷୀରେ କଟକଣା ଅନୁପାଳନ ପୂର୍ବକ ନିର୍ବାଚନ ପରଚାଳନା ପାଇଁ ନିର୍ବାଚନ ଆୟୋଗ ଜାରି କରିଥିବା କଟକଣା, ମଦ, ବନ୍ଧୁକ ଓ ଅସ୍ତ୍ରଶସ୍ତ୍ର ଉପରେ କଟକଣା, ଶୋଭାଯାତ୍ରା ଓ ପଦଯାତ୍ରା ଉପରେ ରୋକ୍, ପାଂଚ ଜଣ ସହଯୋଗୀଙ୍କୁ ନେଇ ଘରକୁ ଘର ବୁଲି ପ୍ରଚାର କରିବା ସହ ଡିଜିଟାଲ୍ / ଭର୍ଚୁଆଲ୍ / ମୋବାଇଲ୍ ପ୍ରଚାର ସଂପର୍କରେ ଅବଗତ କରାଇଥିଲେ । ଏତଦ୍‌ବ୍ୟତୀତ କୌଣସି ରାଜନୈତିକ ଦଳର ପ୍ରାର୍ଥୀ କଣ ନ କରିବା ଉଚିତ୍, ସେ ସଂପର୍କରେ ଅବଗତ କରାଇଥିଲେ । ପ୍ରଚାରରେ ଡାକବାଡି ଯନ୍ତ୍ର ବ୍ୟବହାର ପାଇଁ ଆଗୁଆ ଅନୁମତି, ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ସଂଖ୍ୟକ ଚାରିଚକିଆ ଓ ଦୁଇଚକିଆ ଯାନ ବ୍ୟବହାର ପାଇଁ ଆଗୁଆ ଅନୁମତି ଏକାନ୍ତ ଆବଶ୍ୟକ । ଭୋଟ୍ ଗ୍ରହଣର ୩୬ ଘଂଟା ପୂର୍ବରୁ ପ୍ରଚାର ବନ୍ଦ ରଖିବା, ସରକାରୀ ଅଫିସ୍ ଏବଂ ଶିକ୍ଷା ଓ ଧାର୍ମିକ ଅନୁଷ୍ଠାନର କାନ୍ଥବାଡ ଓ ସର୍ବସାଧାରଣ ରାସ୍ତା ଆଦିରେ ପ୍ରଚାର ପତ୍ର ଓ ପ୍ରଚାର ପତାକା ନ ଲଗାଇବା, ଭୋଟରଙ୍କୁ ପ୍ରଲୋଭିତ କଲାଭଳି କୌଣସି କାର୍ଯ୍ୟ ନ କରିବା ସଂପର୍କରେ ପର୍ଯ୍ୟବେକ୍ଷକ ଶ୍ରୀ ଦାସ ଏବଂ ଜିଲ୍ଲାପାଳ ଅବଗତ କରାଇଥିଲେ ଏବଂ ଆଦର୍ଶ ଆଚରଣ ବିଧିର ଉଲଂଘନ ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଖର୍ଚ୍ଚ ପର୍ଯ୍ୟବେକ୍ଷକ ନିଲମ ପ୍ରକାଶ କୁଜୁର ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ପ୍ରାର୍ଥୀମାନେ କିପରି ନିର୍ବାଚନ କମିଶନଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ନିୟମାବଳୀ ଅନୁଯାୟୀ ଖର୍ଚ୍ଚ କରିବେ ଏବଂ ତାହା କିପରି ରେଜିଷ୍ଟରରେ ଲିପିବଦ୍ଧ କରିବେ, ସେ ସଂପର୍କରେ ବିଶଦ ଭାବେ ଅବଗତ କରାଇଥିଲେ । ଏତଦ୍‌ବ୍ୟତୀତ ମତଦାନ ଏବଂ ମତଦାନ କେନ୍ଦ୍ରରେ ଏଜେଂଟ୍ ନିଯୁକ୍ତ, ବ୍ଲକ୍ ସ୍ତରରେ ଭୋଟ୍ ଗଣତି ଏବଂ ଏଜେଂଟ୍ ନିଯୁକ୍ତି ପ୍ରସଙ୍ଗରେ ଆଲୋଚନା କରାଯାଇ କୋଭିଡ୍ ନିୟମକୁ କଡାକଡି ଭାବେ ପାଳନ କରାଯିବା ଉପରେ ଗୁରୁତ୍ୱାରୋପକ କରାଯାଇଥିଲା। ଦୁଇଟି ଟିକା ନେଇଥିବା ଏଜେଂଟ୍‌ମାନଙ୍କୁ ମତଦାନ କେନ୍ଦ୍ର ଏବଂ ଭୋଟ୍ ଗଣତି କେନ୍ଦ୍ରରେ ପ୍ରବେଶ ପାଇଁ ଅନୁମତି ମିଳିବ। ସମସ୍ତେ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ବଜାୟ ରଖିବାକୁ କଡାକଡି କରାଯିବ । ଷ୍ଟ୍ରଙ୍ଗ୍ ରୁମ୍ ବ୍ୟବସ୍ଥା ଓ ସୁରକ୍ଷା, ସମସ୍ତ ବ୍ଲକ୍ ସ୍ତରରେ କଂଟ୍ରୋଲ୍ ରୁମ୍, ଆଦର୍ଶ ଆଚାରଣ ବିଧି ଅନୁପାଳନ ତଦାରଖ କରିବା ପାଇଁ ସ୍କ୍ୱାର୍ଡ ଗଠନ ତଥା ନିର୍ବାଚନ ପରିଚାଳନା ସଂପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହୋଇଥିଲା । ଆଦର୍ଶ ଆଚରଣ ବିଧି, କୋଭିଡ୍ ନିୟମର ଅନୁପାଳନ ସଂପର୍କରେ ତୃଣମୂଳସ୍ତରରେ ପ୍ରାର୍ଥୀ / କର୍ମୀମାନଙ୍କୁ ଅବଗତ କରାଇବା ପାଇଁ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମହଲା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିନାଥ ମୁର୍ମୁ, ଜିଲ୍ଲା ପଂଚାୟତ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉକ୍ତ ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଜମିବାଡି ବିବାଦରୁ ବଡଭାଇଙ୍କୁ ଠେଙ୍ଗାରେ ମାଡ

ତୁରୁମୁଙ୍ଗା,(ପି.ଏନ):କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ମାନପୁର ଗାଁରେ ଜମିବାଡି ବିବାଦ ଓ କୂଅ ପାଣିକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇ ବଡଭାଇକୁ ଠେଙ୍ଗାରେ ମାରିବା ପରେ ମୁଣ୍ଡକୁ ପଥରରେ ଛେଚିଦେଲେ ସାନଭାଇର ପରିବାର । ଗୁରୁତର ଅବସ୍ଥାରେ ବଡଭାଇଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଖବର ଅନୁଯାୟୀ ରବିବାର ସନ୍ଧ୍ୟାରେ ମାନପୁର ଗାଁର ନାୟାରଣ ମହାନ୍ତ ଓ ତାଙ୍କ ସାନଭାଇ ନିରନ ମହାନ୍ତଙ୍କ ପରିବାର ମଧ୍ୟରେ ଜମିବାଡି ବିବାଦକୁ କେନ୍ଦ୍ର କରି ଗଣ୍ଡଗୋଳ ହୋଇଥିଲା । ଏହି ସମୟରେ ସାନଭାଇ ନିରନଙ୍କ ପରିବାର ନାରାୟଣଙ୍କ ଉପରକୁ ଆକ୍ରମଣ କରିଥିଲେ। ନାରାୟଣଙ୍କୁ ପ୍ରଥମେ ଠେଙ୍ଗାରେ ମାଡ ମାରିବା ପରେ ତାଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ । ଏପରିକି ନାରାୟଣଙ୍କ ସ୍ତ୍ରୀ ବିନତୀ ଏହାକୁ ବିରୋଧ କରିବାରୁ ତାଙ୍କ ଉପରକୁ ମଧ୍ୟ ଆକ୍ରମଣ ହୋଇଛି । ଫଳରେ ନାରାୟଣଙ୍କ ସ୍ତ୍ରୀ ବିନତୀ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି ।

# ଜାତୀୟ ରାଜପଥ ୪୯ ବାଇପାସରେ ଗାଡି ଚଳାଚଳ ଆରମ୍ଭ ହେଲା



କେନ୍ଦୁଝର,(ପି.ଏନ): କେନ୍ଦୁଝର ସହରର ବହୁ ପ୍ରତିକ୍ଷିତ ଜାତୀୟ ରାଜପଥ ୪୯ର ବାଇପାସ ରାସ୍ତାରେ ଗାଡି ଚଳାଚଳ ଆରମ୍ଭ ହୋଇଛି। ରାତିରେ ସୁରକ୍ଷିତ ଯାତାୟତ ପାଇଁ ରାସ୍ତା ପାର୍ଶ୍ୱରେ ଏଲଇଡି ଲାଇଟ ବ୍ୟବସ୍ଥା କରାଯାଇଛି। ତେବେ ଏହି ବାଇପାସ ଖୋଲିବା ଦ୍ୱାରା ସହରରେ ଟ୍ରାଫିକ ସମସ୍ୟା ଦୂର ହୋଇଥିବାରୁ ସହରବାସୀ ଖୁସି ବ୍ୟକ୍ତ କରିଛନ୍ତି। କେନ୍ଦୁଝର ସହର ମଧ୍ୟ ଦେଇ ଭାରୀଯାନ ଚଳାଚଳ ଯୋଗୁଁ ନାହିଁ ନଥିବା ଟ୍ରାଫିକ ସମସ୍ୟା ଦେଖାଦେଇଥିଲା। ଗତ ୧ ସପ୍ତାହ ମଧ୍ୟରେ ସହର ମଧ୍ୟରେ ଦୁଇଟି ଦୁର୍ଘଟଣା ଘଟି ଧନଜୀବନ ହାନୀ ହୋଇଥିଲା। ଏହାକୁ ନେଇ ଆଇନଶୃଙ୍ଖଳା ପରିସ୍ଥିତି ଦେଖାଦେଇଥିଲା। ବାଇପାସ ରାସ୍ତାରେ ଗାଡି ଚଳାଚଳ କରୁନଥିବାରୁ ଜନଅସନ୍ତୋଷ ଦେଖା ଦେଇଥିଲା। ଜାତୀୟ ରାଜପଥ ୪୯ର ବାଇପାସ କାମ ଝାରବେଲାଦା ଠାରୁ ୧୨ କିଲୋମିଟର କାମ ସରିଥିଲେ ମଧ୍ୟ ଜାତୀୟ ରାଜପଥ ୨୦ର ସଂଯୋଗୀକରଣ କାମ ସଂପୂର୍ଣ୍ଣ ହୋଇନଥିବାରୁ ବାଇପାସରେ ଗାଡି ଚଳାଚଳ ହୋଇ ପାରୁନଥିଲା। ଏହି କାମ ଏଆରଏସଏସ ନେଇଥିବାବେଳେ ବିଳମ୍ବ କାମ ଯୋଗୁଁ ବାଇପାସ ରାସ୍ତାରେ ଗାଡି ଚଳାଚଳ କରି ପାରୁନଥିଲା। ମାତ୍ର କେନ୍ଦୁଝର ସହରରେ ଟ୍ରାଫିକ ସମସ୍ୟା ଜଟିଳ ହୋଇ ପଡିବାରୁ ସୋମବାର ଠାରୁ ଏନଏଚ ୪୯ର ବାଇପାସ ରାସ୍ତାରେ ଗାଡି ଚଳାଚଳ ଆରମ୍ଭ କରିଛି। ଖଣି ଅଞ୍ଚଳରୁ ହଜାର ହଜାର ଲୁହାପଥର ବୋଝେଇ ଟ୍ରକ ବାଇପାସ ରାସ୍ତାରେ ଚଳାଚଳ କରିଛି। କଲିକତାରୁ ମୁମ୍ବାଇ ଯାଉଥିବା ଭାରୀଯାନ ଗୁଡିକ ଝାରବେଲଦା ବାଇପାସରେ ପ୍ରବେଶ କରି ବାଲିଆଗୋଡା ନିକଟରେ ପୁଣି ଏନଏଚ୍ ୨୦ରେ ଯିବା ପରେ ଡିଏମଏଫ ରୋଡରେ ଯାଇ ଫାୟାର ଅଫିସ ନିକଟରେ ଜାତୀୟ ରାଜପଥ ୪୯ କୁ ସଂଯୋଗ କରୁଛି। ଜାତୀୟ ରାଜପଥ ୪୯ରୁ ଝାରବେଲାଦା ଦେଇ ଯୋଡା,ବଡବିଲ ଗାଡି ଚଳାଚଳ ଆରମ୍ଭ ହୋଇଛି। ସେହିପରି କଲିକତାରୁ ମୁମ୍ବାଇ ଯାଉଥିବା ଭାରୀଯାନ ଚଳାଚଳ ଏହି ରାସ୍ତା ଦେଇ ଯାତାୟତ ଆରମ୍ଭ କରିଛି। ଜାତୀୟ ରାଜପଥ ୨୦ର ସଂଯୋଗୀକରଣ ରାସ୍ତା ସାମଲ ଅଟୋ ଇଣ୍ଡିଆ ଲିଃ ରାସ୍ତା ସଂପୂର୍ଣ୍ଣ ହେଲା ପର୍ଯ୍ୟନ୍ତ ଏହି ରାସ୍ତାରେ ଭାରୀଯାନ ଚଳାଚଳ କରିବ। ଜାତୀୟ ରାଜପଥ ୪୯ରୁ ବାଇପାସରେ ରାସ୍ତାରେ ଗାଡି ଚଳାଚଳ ପରେ ସହରବାସୀ ଟ୍ରାଫିକ ସମସ୍ୟାରୁ ମୁକ୍ତି ପାଇଛନ୍ତି। ଝାରବେଲଦା ଛକ,ଧ୍ରୁପଦା ଏବଂ ଫାୟର ଅଫିସ ନିକଟରେ ଠିକାସଂସ୍ଥା ମଣ୍ଟେକାର୍ଲୋ ର କର୍ମଚାରୀ ପତକା ଦେଖାଇ ଟ୍ରାଫିକ ନିୟନ୍ତ୍ରଣ କରୁଛନ୍ତି।

## କରଡଗାଡିଆରେ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଯାପିତ, ବ୍ଲୁ ଷ୍ଟାର କ୍ରିକେଟ କ୍ଲବକୁ ହରାଇ ରାଇଜିଂ କ୍ରିକେଟ କ୍ଲବ ବିଜୟୀ



ଖୋର୍ଦ୍ଧା,(ପିଏନ): ବେଗୁନିଆ ବ୍ଲକ ଦୁର୍ଗାପୁର ପଂଚାୟତ ଅନ୍ତର୍ଗତ ଶିକ୍ଷୀ ଗ୍ରାମ ଭାବେ ପରିଚିତ କରଡଗାଡିଆ ଗ୍ରାମର ମହାବୀର କ୍ରିକେଟ ଆସୋସିଏସନ ପକ୍ଷରୁ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଂଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇ ଯାଇଛି । ଆଜିର ମ୍ୟାଚ ବ୍ଲୁ ଷ୍ଟାର କ୍ରିକେଟ କ୍ଲବ ଯାଆଁଳା ଓ ରାଇଜିଂ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ବ୍ଲୁ ଷ୍ଟାର କ୍ରିକେଟ କ୍ଲବ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟ କରି ୨୨୨ ରନ ସଂଗ୍ରହ କରିଥିବା ବେଳେ ବିଜୟ ଲକ୍ଷ୍ୟରେ ପ୍ରତିପକ୍ଷ ଦଳ ୮ ଉଇକେଟରେ ୨୨୩ ରନ ସଂଗ୍ରହ କରି ବିଜୟୀ ଘୋଷିତ ହୋଇଥିଲା । ଏ ନେଇ ପୁରସ୍କାର ବିତରଣ ସଭାରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ , ଯୁବ ନେତା ପ୍ରଦୀପ କୁମାର ସାହୁ ଓ ପୂର୍ବତନ ସରପଂଚ ଅନାଦି ସାହୁ ପ୍ରମୁଖ ଉପସ୍ଥିତ ରହି ବିଜେତା ଓ ଉପ ବିଜେତା ଦଳକୁ ଯଥାକ୍ରମେ ୨୦ ହଜାର ଓ ୧୫ ହଜାର ନଗଦ ଅର୍ଥରାଶି ପ୍ରଦାନ କରିଥିଲେ । ଖେଳରେ ମ୍ୟାନ ଅଫ ଦି ମ୍ୟାଚ ବିଶ୍ୱଜିତ ମହାପାତ୍ର,ମ୍ୟାନ ଅଫ ଦି ସିରିଜ ଅଭୟ ମଲ୍ଲିକ ଓ ବେଷ୍ଟ ବୋଲର ଆଶୁତୋଷ ଦାସ ପ୍ରମୁଖ ପୁରସ୍କାର ପାଇଥିଲେ । ଖେଳକୁ ବିନୟ ପାଇକରାୟ ଓ ଆରକେ ପାତ୍ର ସିନିୟର ପରିଚାଳନା ବେଳେ ଶ୍ରୀଧର ରାଉତ ଓ ପାର୍ଥ ସାରଥି ଭାଷ୍ୟକାର,ମିଥୁନ ପରିଡା ଓ ଗୁଲସନ ପରିଡା ସ୍କୋରର ଭାବେ ଦାୟିତ୍ୱ ନେଇଥିଲେ । ଏହି ସଭା ଶେଷରେ ପୁରୁଷୋତମ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ରାକେଶ କୁମାର ଛୋଟରାୟ ସହଯୋଗ କରିଥିଲେ ।

## ପାରାଦୀପ ବନ୍ଦର ପକ୍ଷରୁ ଅନାଥ ଆଶ୍ରମରେ ଶୁଖିଲା ଖାଦ୍ୟ ବଣ୍ଟନ



ପାରାଦୀପ,(ପି.ଏନ): ଭାରତ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀ ପାଳନ ଅବସରରେ ସାରା ଦେଶ ଆଜାଦି କି ଅମୃତ ମହୋତ୍ସବ ପାଳନ କରୁଛି । ଏହି କାର୍ଯ୍ୟକ୍ରମ ଅଧିନରେ ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ପାରାଦୀପ ବନ୍ଦର ପକ୍ଷରୁ ଅଠରବାଙ୍କୀ ବାଲିଝରାସ୍ଥିତ ମାଆ ସନ୍ତୋଷୀ ଜରା ନିବାସର ଅନ୍ତେବାସୀଙ୍କୁ ସାହାଯ୍ୟର ହାତ ବଢାଯାଇଛି । ସୋମବାର ଦିନ ଏହି ଅବସରରେ ପାରାଦୀପ ବନ୍ଦରର ଅଧ୍ୟକ୍ଷ ପି.ଏଲ୍.ହାରନାଦ୍ଙ୍କ ତତ୍ୱାବଧାନରେ ଏକ ଟିମ୍ ସେଠାରେ ପହଂଚିଥିଲେ । ଏହି ଟିମ୍‌ରେ ପାରାଦୀପ ଲେଡିଜ୍ କ୍ଲବ୍‌ର ସଭାନେତ୍ରୀ ପି.ଗିରିଜା ସୁନ୍ଦରୀ, ବନ୍ଦରର ଉପାଧ୍ୟକ୍ଷ ଏ.କେ.ବୋଷ, ସଚୀବ ଡ.ପି.ଏନ୍.ବାହେକର, ପାରାଦୀପ ସାକ୍ଷରତା ସମିତିର ସଂପାଦକ ରାମଚନ୍ଦ୍ର ପ୍ରଧାନଙ୍କ ସମେତ ବନ୍ଦରର ବହୁ ଅଧିକାରୀ ଯୋଗ ଦେଇ ଜରାନିବାସର ଅନ୍ତେବାସୀଙ୍କୁ ଶୁଖିଲା ଖାଦ୍ୟ, ପୋଷାକ,ମାସ୍କ, ସାନିଟାଇଜର୍ ବଣ୍ଟନ କରିଥିଲେ । ଏହି ବଣ୍ଟନ କାର୍ଯ୍ୟକ୍ରମରେ ପାରାଦୀପ ସାକ୍ଷରତା ସମିତିର ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ । ପାରାଦୀପ ବନ୍ଦର ଅସହାୟ ମଣିଷଙ୍କ ପାଖରେ ପହଂଚି ସେମାନଙ୍କର ଆବଶ୍ୟକତାକୁ ପୂରଣ ପାଇଁ ସବୁ ବେଳେ ଲକ୍ଷ୍ୟ ରଖିଥିବା ପାରାଦୀପ ବନ୍ଦର ଅଧ୍ୟକ୍ଷ ଶ୍ରୀ ହାରନାଦ କହିଥିବା ନେଇ ବନ୍ଦର ଲୋକସଂପର୍କ ବିଭାଗ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରୁ ଜଣାପଡିଛି ।

## ନେତାଜୀ ଜୟନ୍ତୀରେ ରକ୍ତଦାନ ଶିବିର ,ମୋଟ ୨୦ ୟୁନିଟ ସଂଗ୍ରହ

ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାର ସରସ୍ୱତୀଶିଶୁ ବିଦ୍ୟା ମନ୍ଦିର ପରିସରରେ ପାତଞ୍ଜଳୀ ଯୋଗ ସମିତି ଓ ତ୍ରିନାଥ ଚରଣ ସ୍ମୃତି କଳା ସାହିତ୍ୟ ସଂସଦ ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ନେତାଜୀ ଜୟନ୍ତୀ ଅବସରରେ ଆୟୋଜନ କରାଯାଇଥିଲା ।ଏଥିରୁ ମୋଟ ୨୦ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା । ଏଥିରେ ପାତଞ୍ଜଳୀ ଯୋଗ ସମିତିର ଜିଲ୍ଲା ପ୍ରଭାରୀ ସୀତାକାନ୍ତ ପଣ୍ଡା,ଯୋଗ ଶିକ୍ଷକ ପ୍ରମୋଦ କୁମାର ସାହୁ,ଜ୍ୟୋତି ରଞ୍ଜନ ସାହୁ ସମାଜସେବୀ ଇତିଶ୍ରୀ ସାହୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ ।ଓଡିଶା ରକ୍ତଭଣ୍ଡାର ଖୋର୍ଦ୍ଧା କାର୍ଯ୍ୟାଳୟର ଅଧିକାରୀ ଡଃବର୍ଷା ବୈଶାଖୀ ପଣ୍ଡା,ଲାବଟେକନିସିଆନ ଅରୁଣ କୁମାର ସାହୁ ,ବିଚିସ୍ମିତା ପୁହାଣ ଓ ଷ୍ଟାଫ ନର୍ସ ଝାନସିରାଣୀ ପାତ୍ର ପ୍ରମୁଖ ରକ୍ତ ସଂଗ୍ରହ କରିଥିବା ବେଳେ ତୃପ୍ତିମୟୀ ନନ୍ଦ ଓ ଅଙ୍କିତା ପରିଡା ସହଯୋଗ କରିଥିଲେ ।

## ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳିତ



ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ସଦର ମହକୁମାର ବିଜେବି ଉଚ୍ଚ ବିଦ୍ୟାଳୟ ପରିସରରେ ପାଇକ ବିଦ୍ରୋହର ସେନାପତି ମହାନସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏ ନେଇ ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର ଯୋଗ ଦେଇ ପ୍ରତି ମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଗୋପାଳକୃଷ୍ଣ ଦାସ,ଶ୍ରୀ ଦେବପ୍ରସାଦ ମଜୁମଦାର,ବିମଳ କୁମାର ଷଡଙ୍ଗୀ,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ,ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସେକ ଗୋହର ଅଲ୍ଲୀଙ୍କ ସମେତ ସଚେତନ ନାଗରିକ ଓ କର୍ମକର୍ତା ମାନେ ଯୋଗ ଦେଇ ଅତୀତର ଗୌରବମୟ ପାଇକ ବିଦ୍ରୋହର ବକ୍ସିଙ୍କ ଭୂମିକାକୁ ରୋମନ୍ଥନ କରି ଭକ୍ତିପୁତ ଭାବରେ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

## ଗୌରଶ୍ୟାମ ପଟ୍ଟନାୟକଙ୍କ ପରଲୋକ



ଫୁଲନଖରା,(ପି.ଏନ): ସଦର ଥାନା ନୂଆ କାଚରାମାଳ ଗ୍ରାମର ବୟୋଜ୍ୟେଷ୍ଠ ମୁରବି, ଲକ୍ଷେଶ୍ୱର ମନ୍ଦିର ପରିଚାଳନା କମିଟି ସଭାପତି ତଥା ଫୁଲନଖରା ବ୍ୟବସାୟୀ ସଂଘର ପୂର୍ବତନ ସଭାପତି ଗୌରଶ୍ୟାମ ପଟ୍ଟନାୟକ (ବାବାଜୀ) ଙ୍କ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ବୟସ ହୋଇଥିଲା । ସେ କିଛି ଦିନ ହେଲା ବାର୍ଦ୍ଧ୍ୟକ୍ୟଜନିତ ରୋଗରେ ପୀଡ଼ିତ ଥିଲେ । ଏହି ଖବର ପାଇଁ ଗଣେଶପ୍ରସାଦ ଦାଶ, ଅନନ୍ତଚରଣ ବରାଳ, ବଂଶୀଧର ଭୋଳ, କିଶୋର ପଟ୍ଟନାୟକ, କେଦାର ଜେନା, କିଶୋରଚନ୍ଦ୍ର ବରାଳ, ନଳିନୀ ସ୍ୱାଇଁ, ବିଚିତ୍ରାନନ୍ଦ ଦଳାଇ, ଗୁଣନିଧି ପଟ୍ଟନାୟକ, ଧରଣୀଧର ସାହୁ, ଶଶିଭୂଷଣ ମହାନ୍ତି, ଅଭୟ ଜେନା ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ । ମର ଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଇ ନିକଟସ୍ଥ ଶ୍ମଶାନରେ ଦାହ କରାଯାଇଥିଲା । ନନ୍ଦକିଶୋର ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ଲକ୍ଷେଶ୍ୱର ଟ୍ରଷ୍ଟ ବୋର୍ଡ଼ ସଦସ୍ୟ, ଫୁଲନଖରା ବ୍ୟବସାୟୀ ସଂଘ ସଦସ୍ୟ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି ।

## ପ୍ରଥମ ଦିନରେ ୩୯ଜଣ ପ୍ରାର୍ଥୀ ନାମାଙ୍କନ ପ୍ରତ୍ୟାହାର କଲେ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକର ୪୫ ଗୋଟି ପଂଚାୟତ ଓ ୬୩୭ ଗୋଟି ୱାର୍ଡରେ ସମିତି ସଭ୍ୟ,ସରପଂଚ ଓ ୱାର୍ଡ ସଭ୍ୟ ପଦବୀ ପାଇଁ ୧୩୮୩ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ । ସେଥି ମଧ୍ୟରୁ ୩୦ ଗୋଟି ୱାର୍ଡ ସଭ୍ୟଙ୍କ ନାମାଙ୍କନ ପତ୍ର ନାକଚ ହୋଇଥିଲା । ତେବେ ଆଜି ସୋମବାର ପ୍ରାର୍ଥୀପତ୍ର ପ୍ରତ୍ୟାହାରର ପ୍ରଥମ ଦିନରେ ୧୬୪ଜଣ ସମିତି ସଭ୍ୟ ପ୍ରାର୍ଥୀଙ୍କ ମଧ୍ୟରୁ ୭ ଜଣ ସମିତି ସଭ୍ୟ ପ୍ରାର୍ଥୀ ସେମାନଙ୍କର ନାମାଙ୍କ ପତ୍ର ପ୍ରତ୍ୟାହାର କରିଛନ୍ତି । ସେହିପରି ବିଭିନ୍ନ ପଂଚାୟତରେ ପ୍ରାର୍ଥୀପତ୍ର କାଏମ ଥିବା ୨୦୬ଜଣ ସରପଂଚପ୍ରାର୍ଥୀଙ୍କ ମଧ୍ୟରୁ ଆଜି ୧୬ଜଣ ଓ ୯୮୩ ୱାର୍ଡ ସଭ୍ୟ ପ୍ରାର୍ଥୀଙ୍କ ମଧ୍ୟରୁ ୧୬ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କପତ୍ର ପ୍ରାତ୍ୟାହାର କରିଥିବା ବିଡିଓ ତଥା ନିର୍ବାଚନ ଅଧିକାରୀ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି । ହରିଦାସପୁର ପଂଚାୟତର ସରପଂଚ ପଦ ପାଇଁ ୨ ଜଣ ନାମାଙ୍କନପତ୍ର କାଏମଥିବା ବେଳେ ସେମାନଙ୍କ ମଧ୍ୟରୁ ଚିତରନ ନାୟକ ଆଜି ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିନେବା ଫଳରେ ଏହି ପଂଚାୟତରେ ବିକ୍ରମ ବିଶ୍ୱାଳ ଏକ ମାତ୍ର ସରପଂଚ ପ୍ରାର୍ଥୀ ରହିଛନ୍ତି । ସେହିପରି ଗଡମଧୁପୁର ପଂଚାୟତର ସମିତି ସଭ୍ୟ ପଦ ପାଇଁ ରୀତା ମଲିକ ତାଙ୍କର ନାମାଙ୍କନପତ୍ର ପ୍ରତ୍ୟାହାର କରିନେବା ଫଳରେ ପଂଚାୟତରୁ ପ୍ରମିଳା ଦଳାଇ ଏକମାତ୍ର ସମିତି ସଭ୍ୟ ପ୍ରାର୍ଥୀ ଭାବେ ରହିଛନ୍ତି । ମଙ୍ଗଳବାର ଦିନ ୩ଟା ସୁଦ୍ଧା ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷ ସମୟ ରହିଛି । ପୁର୍ବରୁ ଏହି ବ୍ଲକର ଆରୁହା ସରପଂଚ ପଦ ପାଇଁ ଜଣେ ମାତ୍ର ପ୍ରାର୍ଥୀ ବନପ୍ରଭା ବଳ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି ।

## ପୂର୍ବତନ ପୌରପାଳ ରମେଶ ଚନ୍ଦ୍ର ସାମନ୍ତରାୟଙ୍କ ବିୟୋଗରେ ଶୋକସଭା



ପାରାଦୀପ,(ପି.ଏନ): ପାରାଦୀପ ପୌରପରିଷଦର ପ୍ରଥମ ନିର୍ବାଚିତ ପୌରପାଳ ରମେଶ ଚନ୍ଦ୍ର ସାମନ୍ତରାୟଙ୍କର ଶନିବାର ବିଳମ୍ବିତ ରାତିରେ ପରଲୋକ ହୋଇଯାଇଥିଲା । ତାଙ୍କ ଆବର୍ତ୍ତମାନରେ ପାରାଦୀପର ଅଠରବାଙ୍କୀ ମାର୍କେଟ ପରିସରରେ ଅଠରବାଙ୍କୀ ବଣିକ ସଂଘ ପକ୍ଷରୁ ଏକ ଶୋକସଭା ଆୟୋଜିତ ହୋଇଥିଲା । ବଣିକ ସଂଘ ପକ୍ଷରୁ ଗୋକୁଳାନନ୍ଦ ତରାଇ, କୃପାସିନ୍ଧୁ ଗୋଛାୟତ, ନଗେନ୍ଦ୍ର ରାଉତ, ଚିତ୍ତରଂଜନ ମଲ୍ଲିକ,ଅକ୍ଷୟ ଭୂୟାଁ, ରମାକାନ୍ତ ନାୟକ, ରଂଜନ ବିଶ୍ୱାଳ, ଅଧୀର ବାରିକ ଙ୍କ ସମେତ ବ୍ୟବସାୟୀମାନେ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରିଥିଲେ । ସ୍ୱର୍ଗତ ସାମନ୍ତରାୟ ପୌରାଧ୍ୟକ୍ଷ ଥିବା ସମୟରେ ଅଠରବାଙ୍କୀ ଠାରେ ଏକ ସୁନ୍ଦର ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଇଥିଲେ । ଯାହାକୁ ସେତେବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ । ତାଙ୍କର ଏହି ଅବଦାନକୁ ବ୍ୟବସାୟୀମାନେ ତାଙ୍କ ଅନୁପସ୍ଥିତିକୁ ଅନୁଭବ କରି ଶୋକବ୍ୟକ୍ତ କରିଥିଲେ ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray